# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୦୮.୦୪.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀ ଅମରେଶ ଜେନା,
୩. ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀମତୀ ଜୟନ୍ତି ସାହୁ,
୬. ଶ୍ରୀ ସନ୍ତୋଷ କୁମାର ସିଂହ

ଅଦ୍ୟ ତା ୦୮.୦୪.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୪ ଅନ୍ତର୍ଗତ ନହରକଂଟାରେ ରାସ୍ତା ନିର୍ମାଣ କରିବା ପାଇଁ ନିଗମର ନଗର ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ନଜଣାଇ କାର୍ଯ୍ୟର ଫଳକ ଉଦ୍‌ଘାଟନ କରାଯାଇଅଛି ଏହା କିପରି କରାଗଲା ? ଏହା ଉପରେ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ୨୦୨୬-୨୭ ଆର୍ଥିକ ବର୍ଷରେ ସମ୍ପାଦନ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ୱାର୍ଡ଼ରେ କେତେ ଟଙ୍କାର ଡ୍ରେନ୍ କାର୍ଯ୍ୟ ହୋଇଅଛି, କେତେ କାର୍ଯ୍ୟ ଚାଲୁଅଛି ଏବଂ କେତେ ଟଙ୍କାର ବିଲ୍ ପଇଠ ହୋଇଅଛି ତାହାର ସବିଶେଷ ତଥ୍ୟ କର୍ପୋରେସନ ବୈଠକ ପୂର୍ବରୁ କମିଟିର ଚେୟାରମ୍ୟାନଙ୍କୁ ପ୍ରଦାନ କରିବା ନିମନ୍ତେ ନିଗର ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଯେଉଁଠାରେ ଫଳକ ଉଦ୍‌ଘାଟନ ହେଉଅଛି ସେଥିରେ ସମ୍ପୃକ୍ତ କମିଟିର ଚେୟାରପରସନ/ଚେୟାରମ୍ୟାନଙ୍କ ନାମ ଲେଖିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଷ୍ଟର୍ମ ୱାଟର୍ ମାଷ୍ଟରପ୍ଲାନ୍ ବିଷୟରେ ଜାଣିବା ପାଇଁ କମିଟି ମୁମ୍ବାଇ ସହର Exposure Visit ରେ ଯିବାପାଇଁ ଗତ ତା ୨୨.୦୧.୨୦୨୬ ରିଖ ନିର୍ଦ୍ଧାରଣ ସଂଖ୍ୟା- ୧(୬) ରେ ନିଷ୍ପତ୍ତି ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ କମିଟି ଯାଇପାରିଲା ନାହିଁ, ତେଣୁ ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସା/- ଶ୍ରୀଧର ବେହେରା
ସଭାପତି
ତା ୦୮.୦୪.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୦୮.୦୪.୨୦୨୬ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,
୨. ଶ୍ରୀ ଚନ୍ଦ୍ରଶେଖର ମଲ୍ଲିଆ,
୩. ଶ୍ରୀ ଶିବ ପ୍ରସାଦ ବେହେରା,
୪. ଅସିୟା ବେଗମ୍,
୫. ଶ୍ରୀମତୀ ଯଶୋଧାରା ପ୍ରଧାନ

ଅଦ୍ୟ ତା ୦୮.୦୪.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆଜିର ବୈଠକରେ ଉପସ୍ଥାପନ କରାଯାଇଥିବା ଆୟବ୍ୟୟ ହିସାବ ଫର୍ଦ୍ଦରେ ୟୁନିଟ୍-୨ ଫଳ ହାଟରୁ ଟ ୪,୪୭,୬୪୫/- ମାତ୍ର ଆଦାୟ ହୋଇଥିବା ଉଲ୍ଲେଖ ଅଛି, କିନ୍ତୁ ସେହି ହାଟର ଗୃହର ମରାମତି କାର୍ଯ୍ୟ, ବୈଦ୍ୟୁତିକ କାର୍ଯ୍ୟ ହେଉନଥିବା ଓ ସେଠାରେ ଥିବା ଡ୍ରେନ୍ କାର୍ଯ୍ୟ ହେଉନଥିବା ବ୍ୟବସାୟୀମାନେ ଅଭିଯୋଗ କରୁଛନ୍ତି, ତେଣୁ ଏହିସବୁ କାର୍ଯ୍ୟ ଜରୁରୀକାଳିନ ଭିତିରେ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ୟୁନିଟ୍-୨ ପୁରୁଣା ବସ୍ଷ୍ଟାଣ୍ଡ ଠାରୁ ଇନ୍ଦିରାଗାନ୍ଧୀ ପାର୍କ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱର ବ୍ୟବସାୟୀମାନେ ମନଇଚ୍ଛା ରାସ୍ତା ଜବରଦଖଲ କରି ବ୍ୟବସାୟ କରୁଛନ୍ତି ଫଳରେ ଲୋକମାନଙ୍କ ଯାତାୟତରେ ଅସୁବିଧା ହେଉଅଛି, ତେଣୁ ସେମାନଙ୍କୁ ସୁବ୍ୟବସ୍ଥିତ ଭାବେ ବସାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ପୁନେ ଓ ପିମ୍ପି ସହରରେ କିପରି ରାଜସ୍ୱ ଆଦାୟ ହେଉଅଛି ତାହା ଜାଣିବା ସମ୍ପର୍କରେ କମିଟିର ସଭ୍ୟ/ସଭ୍ୟା ଓ ଅଧିକାରୀମାନେ Exposure Visit ରେ ଯିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୬.୩୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୦୮.୦୪.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଗ୍ରୀଭାନ୍ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୦୯.୦୪.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୩. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୪. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ,
୫. ଶ୍ରୀ ନୃପେଣ କୁମାର ନାୟକ,
୬. ଶ୍ରୀ ଶିବ ନାରାୟଣ ରାୟ

ଅଦ୍ୟ ତା ୦୯.୦୪.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବସ୍‌ଷ୍ଟପ୍ ନିକଟରେ ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ଜନସାଧାରଣ ଅଭିଯୋଗ କରୁଛନ୍ତି, ତେଣୁ ସେଠାରେ ଜଳଛତ୍ର ବ୍ୟବସ୍ଥା କରିବା କିମ୍ବା ସ୍ଥାୟୀ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ୱାଟ୍‌କୋକୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳ ୟୁନିଟ୍-୨ ରେ ଅବସ୍ଥିତ ମଲ୍ଟିଲେବଲ୍ ପାର୍କିଙ୍ଗରେ ପ୍ରବେଶ ପଥ ଓ ନିର୍ଗମ ପଥ ସଠିକ୍ ଭାବରେ ବ୍ୟବସ୍ଥା କରିବା ପାଇଁ ସ୍ମାର୍ଟସିଟି ଲିମିଟେଡ୍‌କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବୁଲା କୁକୁର ମାନଙ୍କୁ ବନ୍ଧ୍ୟାକରଣ କରିବା ନିମନ୍ତେ ଧରାଯାଉଥିବା କୁକୁର ମାନଙ୍କୁ ପ୍ରତ୍ୟେକ ୱାର୍ଡ଼କୁ ପ୍ରୋଗ୍ରାମ କରାଯାଇ ଧରାଯାଉ ଓ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କୁ ଏ ବିଷୟରେ ଜଣାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ୱାର୍ଡ଼ ନଂ-୧୧ ରେ ଥିବା ଡ୍ରେନ୍ ଅବସ୍ଥା ଖରାପ ହୋଇଥିବାରୁ ଜନସାଧାରଣ ଅଭିଯୋଗ କରୁଛନ୍ତି, ଉକ୍ତ ଡ୍ରେନ୍ ଗୁଡ଼ିକୁ ଶୀଘ୍ର ମରାମତି କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ଘ. ୧୧.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୦୯.୦୪.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୦୯.୦୪.୨୦୨୬ ରିଖ

ସମୟ-ଅପରାହ୍ନ ଘ.୧୨.୩୦ ମିନିଟ୍,
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାରମ୍ୟାନ୍,
୨. ଶ୍ରୀ ମିହିର କୁମାର ରାଉତ,
୩. ମୋନାଲିସା ବେହେରା,
୪. ଶ୍ରୀ ଅପରୂପ ନାରାୟଣ ରାଉତ,
୫. ଶ୍ରୀ ରଶ୍ମିରଞ୍ଜନ ପାଟଶାଣୀ

ଅଦ୍ୟ ତା ୦୯.୦୪.୨୦୨୬ ରିଖ ଅପରାହ୍ନ ଘ.୧୨.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଚାଲୁଥିବାରୁ ଚଳିତ ବର୍ଷ ଲଗାଯାଇଥିବା ଗଛ ଗୁଡ଼ିକରେ ପାଣି ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟପାଇଁ ଦିଆଯାଉଥିବା ଅନୁଦାନ ପ୍ରଥମେ କମିଟିରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୩୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୦୯.୦୪.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୦.୦୪.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ଦୀପକ କୁମାର ମିଶ୍ର, ଚେୟାରମ୍ୟାନ୍,
୨. ଶ୍ରୀ କୁମାରେନ୍ଦ୍ର ମହାପାତ୍ର,
୩. ଶ୍ରୀମତୀ କିରଣବାଳା ମାଝୀ,
୪. ଶ୍ରୀମତୀ ବନ୍ଦିତା ପାଲ୍,
୫. ଶ୍ରୀମତୀ ଧରିତ୍ରୀ ଜେନା,
୬. ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ

ଅଦ୍ୟ ତା ୧୦.୦୪.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଦୀପକ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆକ୍ଟ-୨୦୦୩ ର ଧାରା-୩୦ ଅନୁଯାୟୀ ମ୍ୟୁନିସିପାଲ୍ କମିଶନର, ଭୁବନେଶ୍ୱର ମହାନଗର ନିଗମ ତାଙ୍କର ଅଧିନସ୍ଥ ନିଗମରେ କାର୍ଯ୍ୟରତ ଥିବା ଅଧିକାରୀଙ୍କୁ କାର୍ଯ୍ୟର ସୁପରିଚାଳନା ନିମନ୍ତେ ତାଙ୍କର କ୍ଷମତା ହସ୍ତାନ୍ତର କରିବା ପାଇଁ ବ୍ୟବସ୍ଥା ଅଛି । ଏହି ପରିପ୍ରେକ୍ଷୀରେ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୧୪୪୦୯ ତା ୧୩.୦୩.୨୦୨୬ ରିଖ ମାଧ୍ୟମରେ MS Ashni A L, IAS, ଅତିରିକ୍ତ ଦକ୍ଷିଣ ପୂର୍ବ ମଣ୍ଡଳ ଆୟୁକ୍ତଙ୍କୁ Engineering Division-III ଅନ୍ତର୍ଗତ Engineering Work ର (ଯେଉଁ କାର୍ଯ୍ୟ ଗୁଡ଼ିକ Annual Action Plan ରେ ଅନ୍ତର୍ଭୁକ୍ତ ହୋଇଥିବ ଏବଂ କମିଶନର କିମ୍ବା ତଦୂର୍ଦ୍ଧ ଅଧିକାରୀଙ୍କ ଦ୍ୱାରା Administrative approval କରାଯାଇଥିବ) ଟ ୨୫ ଲକ୍ଷ ପର୍ଯ୍ୟନ୍ତ ବିଲ୍‌ର Scrutiny & Payment ର କ୍ଷମତା ହସ୍ତାନ୍ତର କରିଅଛନ୍ତି ।

ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆକ୍ଟ-୨୦୦୩ ବର୍ଣ୍ଣିତ ଧାରା-୩୦ (୨)-ତଥା- ନଥି ନଂ- BMC-OE-DEP-0024-0025 ଟିପ୍ପଣୀ ପୃଷ୍ଠା-୨୬ ରୁ ୩୫ ଦ୍ରଷ୍ଟବ୍ୟ ଏବଂ ଏହାର କାର୍ଯ୍ୟୋତ୍ତର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ବିଭିନ୍ନ ସ୍ୱାସ୍ଥ୍ୟ ସଂସ୍ଥା ସୁବିଧା କେନ୍ଦ୍ର ଗୁଡ଼ିକରେ Paramedical Staff ଯୋଗାଣ ପାଇଁ M/s Pratyush ମାଧ୍ୟମରେ ସେବା ପ୍ରଦାନ ହେଉଛି । ବର୍ତ୍ତମାନ ଚୁକ୍ତିର ମିଆଦ ତା ୦୧.୦୪.୨୦୨୬ ରିଖରୁ ସମାପ୍ତ ହୋଇଥିବାରୁ ନୂତନ ଏଜେନ୍ସି ଚୟନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏହି ସେବାକୁ ଅସ୍ଥାୟୀ ଭାବେ ଜାରି ରଖିବା ଅତ୍ୟାବଶ୍ୟକ ହୋଇପାରିଛି ।

ଏହି ପରିପ୍ରେକ୍ଷୀରେ, ବି.ଏମ୍.ସି ସ୍ୱାସ୍ଥ୍ୟ ସଂସ୍ଥା ଗୁଡ଼ିକର ସମ୍ୟକ୍ କାର୍ଯ୍ୟସାଧନ ଓ ରୋଗୀ ସେବାରେ କୌଣସି ବିଘ୍ନ ନଘଟିବାକୁ ଦୃଷ୍ଟିରେ ରଖି M/s Pratyush ମାଧ୍ୟମରେ Paramedical Staff ଯୋଗାଣକୁ ଅସ୍ଥାୟୀ ଭାବେ ୩ (ତିନି) ମାସ ଅବଧି ପାଇଁ ଅର୍ଥାତ୍ ତା ୦୧.୦୪.୨୦୨୬ ରିଖରୁ ତା ୩୦.୦୬.୨୦୨୬ ରିଖ ପର୍ଯ୍ୟନ୍ତ ପୂର୍ବତନ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଜାରି ରଖିବା ପାଇଁ ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର:- ନଥି ନଂ- BMC (H)-2025/3

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୩(୧). ଭୁବନେଶ୍ୱର ମହାନଗର ନିଗମର ବରିଷ୍ଠ ସହାୟକ ଶ୍ରୀ ଅରୁଣ କୁମାର ବିଶ୍ୱାଳ, ଦକ୍ଷିଣ-ପଶ୍ଚିମ ମଣ୍ଡଳରେ କାର୍ଯ୍ୟ କରୁଛନ୍ତି । ତାଙ୍କ ବିରୁଦ୍ଧରେ ବହୁ ଦୁର୍ନୀତି ଅଭିଯୋଗ ଆସୁଅଛି, ତାହା ତଦନ୍ତ କରି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨). ଭୁବନେଶ୍ୱର ମହାନଗର ନିଗମରେ ଯେକୌଣସି ନିଯୁକ୍ତି ହେଲେ ତାହା ଉକ୍ତ କମିଟିରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩). ଭୁବନେଶ୍ୱର ମହାନଗର ନିଗମରେ କୌଣସି କର୍ମଚାରୀ ଗୋଟିଏ ସିଟ୍‌ରେ ତିନି ବର୍ଷରୁ ଅଧିକ ରହିଲେ ତାଙ୍କୁ ଅନ୍ୟ ଉପ ବିଭାଗକୁ ବଦଳି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪). ନିଗମର ସାଧାରଣ ଭଣ୍ଡାର ଦ୍ୱାରା ପ୍ରତି ମାସରେ ଯାହା କ୍ରୟ କରାଯାଉଅଛି ତାହା ପ୍ରତି ମାସ ଷ୍ଟାଣ୍ଡିଂ କମିଟିରେ ଏବଂ କଂଟ୍ରାକ୍ଟ କମିଟି ପୂର୍ବରୁ ମାନନୀୟା ମେୟରଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ଣ ଘ. ୧୨.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଦୀପକ କୁମାର ମିଶ୍ର
ସଭାପତି
ତା ୧୦.୦୪.୨୦୨୬ ଖ୍ରି

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୦.୦୪.୨୦୨୬ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାରପରସନ୍,
୨. ସଜିବା ମୁଣରତ୍,
୩. ଶ୍ରୀମତୀ ସ୍ମୃତିଶିଖା ବରିସଲ
୪. ଶ୍ରୀମତୀ ସୁଷମା ସାହୁ,
୫. ଶ୍ରୀ ଆଶିଷ କୁମାର ପଟ୍ଟନାୟକ

ଅଦ୍ୟ ତା ୧୦.୦୪.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ- ୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ସାଲିଆସାହିର କେତେ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯାଇଥିଲା । ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଆଫୋର୍ଡ୍‌ବୁଲ୍ ଘର ଦିଆଯାଇଅଛି, ଯେଉଁମାନେ ଘର ପାଇନାହାଁନ୍ତି ତାଙ୍କ ପାଇଁ କ'ଣ ପଦକ୍ଷେପ ନିଆଯାଉଅଛି, ତାହାର ତଥ୍ୟ ଆସନ୍ତା ମାସ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଦୟା ୱେଷ୍ଟ କେନାଲ୍, ଦୟା ଇଷ୍ଟ କେନାଲ୍, ଏକାମ୍ର ଭିଲ୍ଲା ବସ୍ତି ଓ ନାରାୟଣ ବସ୍ତି ଗୁଡ଼ିକ ପ୍ରକଳ୍ପ କାରଣରୁ ପ୍ରଭାବିତ ହେଉଛନ୍ତି, ତେଣୁ ସେମାନଙ୍କୁ ବିଧିବଦ୍ଧ ଭାବେ ସେଠାରୁ ସ୍ଥାନାନ୍ତର କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ସରକାରଙ୍କ ଅନୁଦାନରେ ନିର୍ମାଣ ହୋଇଥିବା ଲେପ୍ରସି କଲୋନୀ ଗୃହ ଗୁଡ଼ିକ ଲେପ୍ରସି ରୋଗୀ କିମ୍ବା ଲେପ୍ରସି ବ୍ୟକ୍ତିଙ୍କ ଉତରାଧିକାରୀଙ୍କୁ କିମ୍ବା ବିନା ଲେପ୍ରସିରେ କାହାକୁ ଗୃହ ଦିଆଯାଇଅଛି ତାହା ଯାଂଚ୍ କରିବା ପାଇଁ ନିଷ୍ପତି ହୋଇଥିଲା । ଏହା ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ବିବରଣୀ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ (ହାଉସିଂ) ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୦.୦୪.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୩.୦୪.୨୦୨୬ ରିଖ

ସମୟ-ଅପରାହ୍ନ ଘ.୩.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା ୧୩.୦୪.୨୦୨୬ ରିଖ ଅପରାହ୍ନ ଘ.୩.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବେଆଇନ୍ ଭାବେ ଲାଗିଥିବା ବିଜ୍ଞାପନଫଳକ ଗୁଡ଼ିକୁ କାଟିବା ପାଇଁ ତିନି ଗୋଟି ସଂସ୍ଥାଙ୍କୁ ତାଲିକାଭୁକ୍ତ କରି ରଖିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଘରୋଇ ଜାଗାରେ ଲାଗିଥିବା ଏଲ୍.ଇ.ଡ଼ି ହୋର୍ଡିଂ ଗୁଡ଼ିକର ମୂଲ୍ୟ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଅସ୍ଥାୟୀ ଭ୍ୟାନ୍ ଲଗାଇବା ପାଇଁ ଦିଆଯାଉଥିବା ଅନୁମତି ବାବଦକୁ ଦେୟ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଜ୍ଞାପନଫଳକ ଲଗାଉଥିବା ଅଜନ୍ତା ଆର୍ଡ଼ଭାଟାଇଜିଂ ସଂସ୍ଥାର ରେଜିଷ୍ଟ୍ରେସନ୍ ସମୟ ଏକ ବର୍ଷ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳର ବିଜ୍ଞାପନଫଳକ ଲଗାଇବା ପାଇଁ ଅଜନ୍ତା ଆର୍ଡ଼ଭାଟାଇଜମେଂଟ ସଂସ୍ଥାକୁ ଦିଆଯାଇଥିବା ଅନୁମତି ଠାରୁ କମ୍ ବିଜ୍ଞାପନଫଳକ ଲଗାଇଥିବା ଅଭିଯୋଗ କରୁଛନ୍ତି, ତେଣୁ ଏଥିପାଇଁ ଏକ କମିଟି ଗଠନ କରାଯାଇ କମିଟିଙ୍କ ତଥ୍ୟକୁ ଭିତିକରି ପ୍ରକୃତ ବର୍ଗଫୁଟ ଅନୁସାରେ ଚୁକ୍ତିପତ୍ର ସ୍ୱାକ୍ଷର କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ୱାର୍ଡ଼ ନଂ-୫୨ ରେ ନିର୍ମାଣ ହୋଇଥିବା କମ୍ୟୁନିଟି ସେଂଟର ଭଡ଼ା ଲାଗୁଅଛି, କିନ୍ତୁ ଉକ୍ତ ଅର୍ଥ ମହାନଗର ନିଗମ ପାଣ୍ଠିକୁ ଆସୁନାହିଁ, ତେଣୁ ଏହାକୁ ମହାନଗର ନିଗମ ଅଣାଯିବା ସହିତ ଏହିଭଳି ଯେଉଁ ୱାର୍ଡ଼ରେ ମହାନଗର ନିଗମ ଦ୍ୱାରା କମ୍ୟୁନିଟି ସେଂଟର ନିର୍ମାଣ ହୋଇଅଛି ସେଗୁଡ଼ିକୁ ମହାନଗର ନିଗମ ଦ୍ୱାରା ଭଡ଼ା ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଗଣ୍ଡମୁଣ୍ଡା ହାଟକୁ ମରାମତି କରାଯାଇଅଛି, ସେଠାରେ ଯେଉଁମାନେ ବ୍ୟବସାୟ କରୁଥିଲେ ସେମାନଙ୍କୁ ଲଟେରୀ ମାଧ୍ୟମରେ ଆବଂଟନ କରଯାଉ ଏବଂ ମାସିକ ଭଡ଼ା ଦୋକାନ ପ୍ରତି ଟ୭୫୦/-ଙ୍କା ଲେଖାଏଁ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ହାଟର ଦୋକାନ ଗୃହ ଯେଉଁମାନଙ୍କ ନାମରେ ଆବଂଟନ କରାଯାଇଥିଲା ସେମାନଙ୍କ ମଧ୍ୟରୁ କେତେକ ମୃତ୍ୟୁବରଣ କରିଥିବାରୁ ସେମାନଙ୍କ ଆଇନଗତ ଉତରାଧିକାରୀ ନାମରେ କାଗଜାତ ଯାଂଚ୍ କରି ପରିବର୍ତନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ଭୁବନେଶ୍ୱର ମହାନଗର ନିଗମାଂଚଳ ଶିଖରଚଣ୍ଡୀ ଠାରୁ DLE ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ଗାଡ଼ି ରହୁଅଛି, ତେଣୁ ସେଠାକୁ ପାର୍କିଂ ସ୍ଥଳ ଘୋଷଣା କରାଯାଇ ସେଠାରୁ ପାର୍କିଂ ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୩.୦୪.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୦୪.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପିଙ୍କି ସ୍ୱାଇଁ,
୩. ନମିତା ମହାପାତ୍ର

ଅଦ୍ୟ ତା ୧୫.୦୪.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଚଳିତ କର୍ପୋରେସନ ଆସିବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଯେଉଁ ବିଲ୍ଡ଼ର୍ ମାନଙ୍କୁ ଶେଷ ଆପତିବିହୀନ ପ୍ରମାଣପତ୍ର (Final NOC) ଦିଆଯାଇଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ନିଗମର ନଗର ଯନ୍ତ୍ରୀ ଉପସ୍ଥାପିତ କରିବା ପାଇଁ ଓ ସମ୍ପୃକ୍ତ ବିଲ୍ଡ଼ର୍ ସମ୍ପୂର୍ଣ୍ଣ କରିଥିବା ପେରିଫେରିଆଲ୍ କାର୍ଯ୍ୟ ମାନନୀୟା ମେୟର, କମିଟିର ଚେୟାରମ୍ୟାନ୍ ଓ ସମସ୍ତ ସଭ୍ୟ/ସଭ୍ୟା ଦେଖିବା ପାଇଁ ଯିବା ନିମନ୍ତେ ଆବଶ୍ୟକ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୫.୦୪.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୦୪.୨୦୨୬ ରିଖ

ସମୟ-ଅପରାହ୍ଣ ଘ.୦୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପର୍‌ସନ୍,
୨. ଶ୍ରୀ ଚଞ୍ଚଳ ରାଣା, କମିଶନର
୩. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୪. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୫. ଶ୍ରୀ ବିରଂଚି ନାରାୟଣ ମହାସୁପକାର,
ଚେୟାରମ୍ୟାନ୍, ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି
୬. ଶ୍ରୀ ଶ୍ରୀଧର ବେହେରା,
ଚେୟାରମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୧୫.୦୪.୨୦୨୬ ରିଖ ଅପରାହ୍ଣ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମର ଗାଡ଼କଣ ଠାରେ ଅବସ୍ଥିତ କଂସେଇଖାନାକୁ ସୁଗମ ଭାବେ ପରିଚାଳନା କରିବା ନିମନ୍ତେ ମହାନଗର ନିଗମ ପକ୍ଷରୁ ପୂର୍ବରୁ Watch and Ward କାର୍ଯ୍ୟ ପାଇଁ ନିଯୁକ୍ତ ଥିବା M/s Hemalata Infra Pvt. Ltd. ସଂସ୍ଥା ସହିତ କରାଯାଇଥିବା ଚୁକ୍ତିପତ୍ରକୁ ବାତିଲ କରାଯାଇ ବର୍ତ୍ତମାନ ନୂତନ ଟେଣ୍ଡର ଆହ୍ୱାନ କରାଯାଇଥିଲା, ଏହି ଟେଣ୍ଡର ପ୍ରକ୍ରିୟାରେ ଦୁଇଟି ସଂସ୍ଥା ଯଥା :- Unibite Omnivore Pvt. Ltd. ଏବଂ Dakhina Kali Traders ଭାଗ ନେଇଥିଲେ । ଏଥିରୁ Unibite Omnivore Pvt. Ltd. ମାସିକ ଅଧିକ ଫିସ୍ ଟଙ୍କା ୨୦,୦୦୦/- ଦେବାକୁ ସମ୍ମତି ଜଣାଇଥିବାରୁ ଉକ୍ତ ସଂସ୍ଥାକୁ ଗାଡ଼କଣ କଂସେଇଖାନାର ପରିଚାଳନା ଦାୟିତ୍ୱ ଦେବା ସମ୍ପର୍କରେ କମିଟିଙ୍କ ବିଚାର :- ନଥି ନଂ-XXXVIII-(Market)-39/25

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମାଂଚଳର ନିମ୍ନବର୍ଣ୍ଣିତ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, modification ଆଦି ପରିବର୍ତ୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜଡ୍ ଅଟକଳ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ରିଭାଇଜଡ୍ ଅଟକଳ |
|---|---|---|---|
| 1. | Reclamation of Ananta Basudev Purohit Tank water body at GGP in Ward No.-19<br>File No.-XXIX-Div.-I-1779/2018 | Rs.2,24,47,659/- | Rs.2,26,73,941/- |
| 2. | Constn. of C.C road & RCC drain from Amir Pati house to Dipu Maharana house via Mohan Das at Kaju Factory lane, Old Town in Ward No.-54<br>File No.-XXIX-Div.-III-425/2024 | Rs.28,24,697/- | Rs.13,04,998/- |
| 3. | Constn. of 3 set of Two Seater Loo at Ward No.-48<br>File No.-XXIX-Div.-II-93/2024 | Rs.17,54,390/- | Rs.20,18,473/- |

| | | | |
|---|---|---|---|
| 4. | Constn. of road & drain from New Airport leading towards Ward Office building in Ward No.-52<br>File No.-XXIX-Div.-II-176/2025 | Rs.29,99,362/- | Rs.27,95,428/- |
| 5. | Constn. of road from NH-16 to Jayapur via Santha Tulasi Sarobar in Ward No.-4 under SURE<br>File No.-XXIX-Div.-I-1649/2021 | Rs.6,65,75,800/- | Rs.3,99,47,852/- |

ନିର୍ଦ୍ଧାରଣ-୨. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ- ୧ ଠାରୁ ୪ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ରିଭାଇଜଡ୍ ଅଟକଳ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୬୪୯୦ ତା ୧୯.୦୭.୨୦୨୫ ରିଖ ଅନୁଯାୟୀ ସର୍ବସମ୍ମତିକ୍ରମେ ଅନୁମୋଦନ କରାଗଲା ।

କ୍ର.ନଂ-୫ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ଅଟକଳ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୬୪୯୦ ତା ୧୯.୦୭.୨୦୨୫ ରିଖ ଅନୁଯାୟୀ ଅନୁମୋଦନ ନିମନ୍ତେ ସର୍ବସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମ ନିବିଦା ସଂଖ୍ୟା-BMC-EE-Div.-I-31/2023-24 ତା ୦୫.୧୨.୨୦୨୩ ରିଖରେ Constn. of pavered road and drain from Plot No.-567/1443 to Anshuman Pattanaik house at Kuakhai Nagar, Haridaspur & road from Chittaranjan Pati house to P.C. Nayak house at Rudrapur in Ward No.-04 ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ Sri Sakti Prasad Dash, L-1 bidder ହୋଇଥିବାରୁ ତାଙ୍କୁ ଏଗ୍ରିମେଂଟ ମୂଲ୍ୟ ଟ୩,୩୬,୬୫,୮୨୨/-(including GST-18%) ରେ କାର୍ଯ୍ୟ କରିବା ନିମନ୍ତେ ପତ୍ରସଂଖ୍ୟା-୨୯୧୯ ତା ୦୬.୦୩.୨୦୨୪ ରିଖରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଶ୍ରୀ ଦାଶ ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିଥିଲେ, କିନ୍ତୁ ସାଧାରଣ ନିର୍ବାଚନ-୨୦୨୪ ଏବଂ ପି.ଏଚ୍.ଡ଼ି ଦ୍ୱାରା ଜଳଯୋଗାଣ ଲାଇନ୍ ବିଛାଯିବା କାର୍ଯ୍ୟ ଯୋଗୁଁ ଠିକାଦାର ଠିକ୍ ସମୟରେ କାର୍ଯ୍ୟ ସମାପ୍ତ କରିବା ସମ୍ଭବ ହୋଇନଥିଲା । ଏହି କାର୍ଯ୍ୟର ଅବଶିଷ୍ଟ କାର୍ଯ୍ୟ ତା୦୪.୦୬.୨୦୨୪ ରିଖରୁ ଆରମ୍ଭ ହୋଇ ତା ୧୩.୧୦.୨୦୨୫ ରିଖରେ ଶେଷ ହୋଇଥିଲା ଯାହାକି କାର୍ଯ୍ୟାଦେଶ ସମାପ୍ତ ତା ୦୩.୦୬.୨୦୨୪ ରିଖ ଠାରୁ ୪୯୭ ଦିନ ବିଳମ୍ବ ହୋଇଅଛି ।

ପୁନଶ୍ଚ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, modification ଆଦି ପରିବର୍ତ୍ତନର ଆବଶ୍ୟକତା ପଡ଼ିବାରୁ ରିଭାଇଜଡ୍ ଅଟକଳ (Revised Estimate) ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି ।

| କ୍ର.ନଂ | ଅଟକଳ ମୂଲ୍ୟ | ରିଭାଇଜଡ୍ ଅଟକଳ |
|---|---|---|
| ୧ | ଟ୩,୬୧,୬୦,୯୨୭/- | ଟ୩,୩୬,୩୭,୬୭୩/- |

ଏଥି ସହିତ ଅତିରିକ୍ତ ସମୟ ୪୯୭ ଦିନକୁ ଟ୨୦,୦୦୦/- ର penalty ସହ Revised Estimate କୁ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :- ନଥି ନଂ- XXIX-PW-Div.-I-1470/2023 ଟିପ୍ପଣୀ ୪୯ ରୁ ୫୬ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୩. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ପ୍ରସ୍ତାବ-୪. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ନିମ୍ନୋକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ପ୍ରମାଣୀକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Urgent Restoration and Constn. of collapsed protion of Main Drain No.-6 and syphon over Daya West Canal on Badagada road in W.N0.-45<br>File No.-XXXXXV-(D)-340/2025 | Rs.2,87,25,942/- | Rs.2,87,25,942/- | Priyabrata Mohapatra | 0.0 |

| | |
|---|---|
| ନିର୍ଦ୍ଧାରଣ-୪. | ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୬୬୭-I(c) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ଗ୍ରହଣ/ଅନୁମୋଦନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା । |
| ପ୍ରସ୍ତାବ-୫. | ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ-୧ ରେ "Construction and integration of internal RCC drain of Cluster-3, Sampark Vihar, Maitri Vihar and Prasanti Vihar ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ ନିବିଦାରେ ଶ୍ରୀ ସୁନିଲ୍ ସାଗର ବିଶ୍ୱାଳ ୧୪.୯୯% କମ୍ (Less) ରେ କାର୍ଯ୍ୟ କରିବା ପାଇଁ ଟେଣ୍ଡର ପକାଇ L-1 ବିବେଚିତ ହୋଇଥିଲେ, ପରେ ଶ୍ରୀ ବିଶ୍ୱାଳଙ୍କୁ ଡ୍ରେନେଜ୍ ଉପବିଭାଗ ତରଫରୁ APS ପ୍ରଦାନ କରି ଚୁକ୍ତି କରିବା ପାଇଁ ବାରମ୍ବାର ପତ୍ର ପ୍ରେରଣ କରାଯାଇଥିଲା, କିନ୍ତୁ ଶ୍ରୀ ବିଶ୍ୱାଳଙ୍କ ତରଫରୁ କୌଣସି ଉତ୍ତର ଆସିନଥିଲା । ପରେ ଉକ୍ତ କାର୍ଯ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି L-2 bidder ଶ୍ରୀ ସସ୍ମିତ କୁମାର ପ୍ରଧାନଙ୍କୁ L-1 bidder ଙ୍କ ଦରରେ କାର୍ଯ୍ୟ କରିବା ପାଇଁ ପତ୍ର ପ୍ରେରିତ କରାଯାଇଥିଲା ଏବଂ ଶ୍ରୀ ପ୍ରଧାନ L-1 bidder ଙ୍କ ଦରରେ କାର୍ଯ୍ୟ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ ।<br>ଏଣୁ L-2 bidder ଶ୍ରୀ ସସ୍ମିତ କୁମାର ପ୍ରଧାନଙ୍କ ସର୍ବନିମ୍ନ ନିବିଦା ଦର ଯାହାକି ଅଟକଳ ମୂଲ୍ୟ ୮୯୪.୬୩,୭୫୬/- ଠାରୁ (-) ୧୪.୯୯% କମ୍‌କୁ ଗ୍ରହଣ ଓ ଅନୁମୋଦନ କରିବା ସହିତ ଶ୍ରୀ ସୁନିଲ ସାଗର ବିଶ୍ୱାଳଙ୍କ EMD କୁ ବାଜ୍ୟାପ୍ତ କରିବା ସମ୍ପର୍କରେ କମିଟିଙ୍କ ବିଗ୍ରର :- ନଥି ନଂ- XXXXXV-(D)-507/2024 |
| ନିର୍ଦ୍ଧାରଣ-୫. | ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା । |
| ପ୍ରସ୍ତାବ-୬. | ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ନିମ୍ନୋକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଞ୍ଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ପ୍ରାମାଣୀକୃତ ଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଗ୍ରର :- |

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Construction of Badagada Samsan in Ward No.-44<br>File No.-XXIX-Div.-III-80/2025 | Rs.59,63,479/- | Rs.56,35,488/- | Rajendra Ku.Mallick | 5.5 |

| | |
|---|---|
| ନିର୍ଦ୍ଧାରଣ-୬. | ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା । |
| ପ୍ରସ୍ତାବ-୭. | ଭୁବନେଶ୍ୱର ମହାନଗର ନିଗମ ଅଧୀନ ୱାର୍ଡ ନଂ-୫୦ ଅନ୍ତର୍ଗତ ବାରିକ ସାହି ଛକ ଠାରୁ ଧଳବାବୁ ଘର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରିବା ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଟେଣ୍ଡର ସେଲ୍‌ଙ୍କ ତରଫରୁ ନିବିଦା ସଂଖ୍ୟା-୫୦ ତା ୨୦.୧୨.୨୦୨୪ ରିଖରେ ନିବିଦା ଆହ୍ୱାନ କରାଯାଇ ସର୍ବନିମ୍ନ ଦରଦାତା ଶ୍ରୀ ଅଶୋକ କୁମାର ସ୍ୱାଇଁଙ୍କୁ କାର୍ଯ୍ୟାଦେଶ ସଂଖ୍ୟା-୨୨୫୦୭ ତା ୦୫.୦୫.୨୦୨୫ ରିଖରେ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯାଇଥିଲା, ଯାହାକି କାର୍ଯ୍ୟ ଆରମ୍ଭ ତାରିଖ ତା ୧୧.୦୫.୨୦୨୫ ଓ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ତାରିଖ ୦୯.୦୭.୨୦୨୫ ଧାର୍ଯ୍ୟ ହୋଇଥିଲା, କିନ୍ତୁ ଠିକାଦାର ଶ୍ରୀ ଅଶୋକ କୁମାର ସ୍ୱାଇଁ କାର୍ଯ୍ୟର ସମ୍ପୂର୍ଣ୍ଣ କରିବା ତାରିଖ ସରିଯାଇଥିଲେ ମଧ୍ୟ ସେ କାର୍ଯ୍ୟ ଆରମ୍ଭ କରିନଥିଲେ, ଏଣୁ ସମ୍ପୃକ୍ତ ସହାୟକ ଯନ୍ତ୍ରୀ ଠିକାଦାର ଶ୍ରୀ ଅଶୋକ କୁମାର ସ୍ୱାଇଁଙ୍କୁ ଭେଟି ଓ ଟେଲିଫୋନ୍ ମାଧ୍ୟମରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେ କର୍ଣ୍ଣପାତ ନକରିବାରୁ ପ୍ରଥମ ଚିଠି ନଂ-୪୨୨୭୬ ତା ୨୬.୦୮.୨୦୨୫ ରିଖରେ ୭ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଥିଲା । ଏହା ସତ୍ତ୍ୱେ ସେ କର୍ଣ୍ଣପାତ ନକରିବାରୁ ଶ୍ରୀ ଅଶୋକ କୁମାର ସ୍ୱାଇଁଙ୍କୁ ଚିଠି ନଂ-୪୪୭୯୦ ତା ୦୯.୦୯.୨୦୨୫ ରିଖ କାରଣ ଦର୍ଶାଅ ନୋଟିସ୍ ପଠାଯାଇଥିଲା କି କାହିଁକି ତୁମର ଚୁକ୍ତିପତ୍ରକୁ ରଦ୍ଦ କରାଯାଇ ଆର୍ଥିକ ଦଣ୍ଡ ଦିଆନଯିବ । ଏହା ସତ୍ତ୍ୱେ ମଧ୍ୟ ସେ ଉକ୍ତ ନୋଟିସ୍‌ର କୌଣସି ଉତ୍ତର ଦେଇନଥିଲେ କିମ୍ବା ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିନଥିଲେ । ଏଣୁ ଶେଷ ନୋଟିସ୍ ନଂ-୨୯୨୪ ତା ୧୬.୦୧.୨୦୨୬ ରିଖରେ ସମ୍ପୃକ୍ତ ଜାଗା ଉପରେ କରିଥିବା କାର୍ଯ୍ୟର ସଂଶୋଧନ କରି ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଆଦେଶ ଦେଇଥିଲେ । ଯଦି ଏଥିରେ ଖିଲାପ କରନ୍ତି ତେବେ ଆପଣଙ୍କର ଚୁକ୍ତି ରଦ୍ଦ କରିବା ସହିତ ଆଇନ୍ ଅନୁସାରେ ଆନୁଷଙ୍ଗିକ ଦଣ୍ଡର ବ୍ୟବସ୍ଥା କରାଯିବ । ଏହା ସତ୍ତ୍ୱେ ଶ୍ରୀ ଅଶୋକ କୁମାର ସ୍ୱାଇଁ ଉକ୍ତ ନୋଟିସ୍‌ର କୌଣସି ଉତ୍ତର ଦେଇନଥିଲେ କି ସାକ୍ଷାତ କରିନଥିଲେ । ନଥି ନଂ-XXIX-Div.-II-425/2024 |

ଟିପ୍ପଣୀ ପୃଷ୍ଠା-୧୮ ରୁ ୨୨ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ଅଶୋକ କୁମାର ସ୍ୱାଇଁଙ୍କ ଚୁକ୍ତିପତ୍ରକୁ ରଦ କରିବା ସହିତ ସେ ଦାଖଲ କରିଥିବା APS ଓ ISD କୁ ବାଜ୍ୟାପ୍ତି କରାଯାଇ ବାକିଥିବା କାର୍ଯ୍ୟ ଉପରେ ୨୦% ଆର୍ଥିକ ଦଣ୍ଡ ସହିତ ୩ ବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମରେ କୌଣସି ନିବିଦାରେ ଅଂଶଗ୍ରହଣ ନକରିବା (Debar from BMC Tender for three years) ସମ୍ପର୍କରେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ-୭. ପ୍ରସ୍ତାବ ବର୍ଣ୍ଣିତ ମତେ ଶ୍ରୀ ଅଶୋକ କୁମାର ସ୍ୱାଇଁଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ରଦ କରିବା ସହିତ ସେ ଦାଖଲ କରିଥିବା APS ଓ ISD ବାଜ୍ୟାପ୍ତି କରାଯାଇ ବାକିଥିବା କାର୍ଯ୍ୟ ଉପରେ ୨୦% ଆର୍ଥିକ ଦଣ୍ଡ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା ।

ପ୍ରସ୍ତାବ-୮. ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଙ୍କ ତରଫରୁ ନିବିଦା ସଂଖ୍ୟା-୨୬/୨୨-୨୩ ତା ୧୯.୧୨.୨୦୨୨ ରିଖରେ ଉକ୍ତ କାର୍ଯ୍ୟ ଯଥା:- Approach road at Pragati Nagar in Ward No.-51 ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକୁ ଯାଞ୍ଚ୍ କରାଯାଇ ତନ୍ମଧ୍ୟରୁ ସର୍ବନିମ୍ନ ଦରଦାତା ଭାବେ ଶ୍ରୀ ଗଣେଶ ଚନ୍ଦ୍ର ମାଝୀଙ୍କୁ ଚୟନ କରାଯାଇ କାର୍ଯ୍ୟାଦେଶ ସଂଖ୍ୟା-୨୧୯୭୫ ତା ୦୬.୦୫.୨୦୨୩ ରିଖରେ କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ କାର୍ଯ୍ୟ ନିମନ୍ତେ ସମ୍ପୃକ୍ତ ସ୍ଥାନରେ/ ଜମି ଉପରେ ବିବାଦ ରହିଥିବାରୁ ଠିକ୍ ସମୟରେ ଉକ୍ତ କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇପାରିନଥିଲା ଯାହାକି କାର୍ଯ୍ୟ ଆରମ୍ଭ ତାରିଖ ତା ୦୮.୦୫.୨୦୨୩ ରିଖ ଠାରୁ ତା ୦୬.୦୮.୨୦୨୩ ରିଖ ତଥା ୯୦ ଦିନ ମଧ୍ୟରେ ସରିବାର ଥିଲା । ଏଣୁ ସମ୍ପୃକ୍ତ ଠିକାଦାରଙ୍କୁ ଉକ୍ତ କାର୍ଯ୍ୟାଳୟ ଚିଠି ସଂଖ୍ୟା-୧୬୩୦୪୦ ତା ୦୫.୦୪.୨୦୨୪ ରିଖରେ କୈଫିୟତ ମଗାଯାଇଥିଲା ଓ ସମ୍ପୃକ୍ତ ସହାୟକ ଯନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଆପଣ କାର୍ଯ୍ୟଟିକୁ ଶେଷ କରିନାହାଁନ୍ତି, ଏଣୁ ୭ ଦିନ ମଧ୍ୟରେ ଏହାର ଉତ୍ତର ନରଖିଲେ ଆପଣଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଜଣାଇ ଦିଆଯାଇଥିଲା । ସମ୍ପୃକ୍ତ ଠିକାଦାର ଉକ୍ତ ଚିଠିର ଉତ୍ତର ଦେଇ କହିଥିଲେ ଯେ, ଉକ୍ତ କାର୍ଯ୍ୟଟିର କିଛି ଅଂଶ ସରିଯାଇଛି ଏଣୁ ମୋର ଚୁକ୍ତିପତ୍ରକୁ ବାତିଲ କରିବା ପାଇଁ ଅନୁମତି ଦିଆଯାଉ ଏବଂ ଉକ୍ତ କାର୍ଯ୍ୟ ନିମନ୍ତେ EOT ଦରଖାସ୍ତ ମଧ୍ୟ ଦେଇଥିଲେ । ଏଣୁ ଏହା ଉପରେ ସମ୍ପୃକ୍ତ ସହାୟକ ଯନ୍ତ୍ରୀ ଦେଇଥିବା ଟିପ୍ପଣୀ ସଂଖ୍ୟା-୨୩ କୁ ଭିତିକରି ଉକ୍ତ କାର୍ଯ୍ୟଟିର ସମୟ ଅବଧି ୮୧୬ ଦିନ ବୃଦ୍ଧି କରିବା ସହିତ ଆର୍ଥିକ ଦଣ୍ଡସ୍ୱରୂପ ଟ ୩୦,୦୦୦/-ଙ୍କା ଲାଗୁ କରିବା ପାଇଁ କମିଟିଙ୍କ ବିଚାର:- ନଥି ନଂ-XXIX-II-1358/2022 ଟିପ୍ପଣୀ ୨୩ ରୁ ୩୧ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୮. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୯. ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଙ୍କ ତରଫରୁ ନିବିଦା ସଂଖ୍ୟା-୧୭/୨୩-୨୪ ତା ୧୧.୧୦.୨୦୨୩ ରିଖରେ ଉକ୍ତ କାର୍ଯ୍ୟ ଯଥା:-ୱାର୍ଡ ନଂ-୨୨ ରେ ଶ୍ରୀରାମ ବିହାରର ଗଳି ନଂ-୩ ଠାରୁ ୮ ମଧ୍ୟରେ ପେଭର ରାସ୍ତା ଓ ନାଳ ନିର୍ମାଣ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକୁ ଯାଞ୍ଚ୍ କରାଯାଇ ତନ୍ମଧ୍ୟରୁ ସର୍ବନିମ୍ନ ଦରଦାତା ଭାବେ ଶ୍ରୀ ଶୁଭେନ୍ଦୁ କୁମାର ମହାନ୍ତିଙ୍କୁ ଚୟନ କରାଯାଇ କାର୍ଯ୍ୟାଦେଶ ସଂଖ୍ୟା-୪୪୭୯ ତା ୨୦.୦୧.୨୦୨୪ ରିଖରେ କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା । ସମ୍ପୃକ୍ତ ସହାୟକ ଯନ୍ତ୍ରୀ ତାଙ୍କ ଟିପ୍ପଣୀ ପୃଷ୍ଠା-୩୫ କୁ ଆଧାର କରି ସେଠାରେ କାର୍ଯ୍ୟ ଚାଲିଥିବା ସମୟରେ ସେଠାରେ ଥିବା କିଛି ବିଦ୍ୟୁତ୍ ଖୁଣ୍ଟ, ତାର ଓ ଗଛ ଗୁଡ଼ିକ କାଟିବା ପାଇଁ କାର୍ଯ୍ୟ ଅଟକି ରହିଥିଲା ଏବଂ କାର୍ଯ୍ୟ ସାରିବା ପାଇଁ ଦିଆଯାଇଥିବା ସମୟସୀମା ମଧ୍ୟ ଅସମ୍ଭବ ଥିଲା । ଏଥିପାଇଁ ଉକ୍ତ କାର୍ଯ୍ୟର ସମୟସୀମା ୫୪୩ ଦିନ ବୃଦ୍ଧି କରିବା ସହିତ ନିୟମ ଭଙ୍ଗ ଜନିତ ଆର୍ଥିକ ଦଣ୍ଡସ୍ୱରୂପ ଟ ୪୦,୦୦୦/-ଙ୍କା ମାତ୍ର ସମ୍ପୃକ୍ତ ଠିକାଦାର ଦେବାପାଇଁ ସୁପାରିଶ କରିଥିଲେ ଓ ଉକ୍ତ କାର୍ଯ୍ୟର କିଛିଅଂଶରେ ପରିବର୍ତ୍ତନ କରାଯାଇଥିବାରୁ ସର୍ବନିମ୍ନ ଦରଦାତା ଚୁକ୍ତି କରିଥିବା ମୂଲ୍ୟ ଯଥା:-ଟ ୩,୪୦,୭୮,୬୯୯/-ଙ୍କା ଠାରୁ ସଂଶୋଧିତ ଆକଳନ ଟ ୩,୩୯,୩୧,୦୨୪/-ଙ୍କା ଯାହାକି ଟ ୧,୪୭,୬୭୫/-ଙ୍କା ତଥା ୦.୪୪% ପ୍ରତିଶତ କମ୍ ହୋଇଅଛି । ଏଣୁ ସମ୍ପୃକ୍ତ ସହାୟକ ଯନ୍ତ୍ରୀ ଦେଇଥିବା ଉକ୍ତ କାର୍ଯ୍ୟର ସମୟସୀମା ୫୪୩ ଦିନ ବୃଦ୍ଧି କରିବା ସହିତ ଆର୍ଥିକ ଦଣ୍ଡସ୍ୱରୂପ ଟ ୪୦,୦୦୦/-ଙ୍କା ଓ ସଂଶୋଧିତ ଆକଳନ ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର:- ନଥି ନଂ-XXIX-II-721/2023 ଟିପ୍ପଣୀ ପୃଷ୍ଠା-୪୨ ରୁ ୪୯ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୯. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ପ୍ରସ୍ତାବ-୧୦. ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧ ଙ୍କ ତରଫରୁ ନିବିଦା ସଂଖ୍ୟା-୨୯/୨୨-୨୩ ତା ୨୮.୦୩.୨୦୨୩ ରିଖରେ ଉକ୍ତ କାର୍ଯ୍ୟ ଯଥା:-ଜାମୁକୋଳି ଠାରେ ୧୮.୦୦୭ ଏକର ଜମି ଉପରେ ଗୋଶାଳା ପାଇଁ ପାଚେରି ନିର୍ମାଣ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା। ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକୁ ଯାଂଚ୍ କରାଯାଇ ତନ୍ମଧ୍ୟରୁ ସର୍ବନିମ୍ନ ଦରଦାତା ଭାବେ ଶ୍ରୀ ସନ୍ଦୀପ କୁମାର ବିଶ୍ୱାଳଙ୍କୁ ଚୟନ କରାଯାଇ କାର୍ଯ୍ୟାଦେଶ ସଂଖ୍ୟା-୩୩୧୦୮ ତା ୧୩.୦୬.୨୦୨୩ ରିଖରେ କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ସମ୍ପୃକ୍ତ ସହାୟକ ଯନ୍ତ୍ରୀ ତାଙ୍କ ଟିପ୍ପଣୀ ପୃଷ୍ଠା-୩୮ କୁ ଆଧାର କରି ସେଠାରୁ ଉକ୍ତ କାର୍ଯ୍ୟ ପାଇଁ ଜାଗା ଚିହ୍ନଟ କରିବା ପାଇଁ ଅମିନ ଏବଂ ଗ୍ରାମବାସୀଙ୍କ ମଧ୍ୟରେ କଳହ ହେବାରୁ ୫ ମାସ ପାଇଁ କାର୍ଯ୍ୟ ଅଟକି ରହିଥିଲା ଏବଂ ସେହି ସମୟରେ କାର୍ଯ୍ୟ ପାଇଁ ଆବଶ୍ୟକ ଥିବା କିଛି ସାମଗ୍ରୀ ନମିଳିବା ଓ କଂଟ୍ରାକ୍ଟର ମାନଙ୍କର ଆନ୍ଦୋଳନ ଚାଲୁଥିବାରୁ ଓ ପାଚେରି ନିର୍ମାଣ ସ୍ଥାନରେ ପଶ୍ଚିମ ପଟେ ଖ୍ରୀଷ୍ଟିଆନ୍ ମାନଙ୍କ କବର ସ୍ଥାନ ଥିବାରୁ ୪.୧/୨ ମାସ ପାଇଁ କାର୍ଯ୍ୟ ଅଟକି ରହିଥିଲା। ଏଥିପାଇଁ ଉକ୍ତ କାର୍ଯ୍ୟ ପାଇଁ ଦିଆଯାଇଥିବା ସମୟସୀମା ମଧ୍ୟରେ କାର୍ଯ୍ୟ ସରିପାରିନଥିଲା। ଏଥିପାଇଁ ଉକ୍ତ କାର୍ଯ୍ୟର ସମୟସୀମା ୮୧୯ ଦିନ ତଥା ତା ୧୧.୧୦.୨୦୨୩ ରିଖରୁ ତା ୦୬.୦୧.୨୦୨୬ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ସହିତ ନିୟମ ଭଙ୍ଗ ଜନିତ ଆର୍ଥିକ ଦଣ୍ଡସ୍ୱରୂପ ଟ ୩୦.୦୦୦/-ଙ୍କା ମାତ୍ର ସମ୍ପୃକ୍ତ ଠିକାଦାରଙ୍କ ଠାରୁ ଆଦାୟ କରିବା ଏବଂ ଉକ୍ତ କାର୍ଯ୍ୟର କିଛିକାଂଶରେ ପରିବର୍ତ୍ତନ କରାଯାଇଥିବାରୁ ସର୍ବନିମ୍ନ ଦରଦାତା ବୃଦ୍ଧି କରିଥିବା ମୂଲ୍ୟ ଯଥା:- ଟ୮୯୬,୯୫,୫୯୩/-ଙ୍କା ଏବଂ ସଂଶୋଧିତ ଆକଳନ ଟ୧,୦୫,୩୬,୦୨୯/-ଙ୍କା ଅଟେ, ଏଣୁ ନଥି ନଂ-XXIX-I-1037/2023 ଟିପ୍ପଣୀ-୩୫ ରୁ ୪୫ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ କାର୍ଯ୍ୟଟିର ସମୟସୀମା ୮୧୯ ଦିନ ବୃଦ୍ଧି କରିବା ସହିତ ଆର୍ଥିକ ଦଣ୍ଡସ୍ୱରୂପ ଟ୩୦,୦୦୦/-ଙ୍କା ଓ ସଂଶୋଧିତ ଅଟକଳକୁ ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ-୧୦. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା।

ପ୍ରସ୍ତାବ-୧୧. ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଙ୍କ ତରଫରୁ ନିବିଦା ସଂଖ୍ୟା-୨୮/୨୩-୨୪ ତା ୦୭.୦୨.୨୦୨୪ ରିଖରେ ଉକ୍ତ କାର୍ଯ୍ୟ ଯଥା:-ୱାର୍ଡ ନଂ-୬୩ ଠାରେ ପେଭର ରାସ୍ତା ଓ ନାଳ ନିର୍ମାଣ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା। ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକୁ ଯାଂଚ୍ କରାଯାଇ ତନ୍ମଧ୍ୟରୁ ସର୍ବନିମ୍ନ ଦରଦାତା ଭାବେ ଶ୍ରୀ ସନ୍ତୋଷ କୁମାର ନାୟକଙ୍କୁ ଚୟନ କରାଯାଇ କାର୍ଯ୍ୟାଦେଶ ସଂଖ୍ୟା-୩୧୬୧୦ ତା ୦୨.୦୮.୨୦୨୪ ରିଖରେ କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା ଯାହାକି କାର୍ଯ୍ୟ ଆରମ୍ଭ ତାରିଖ ଯଥାକ୍ରମେ ତା ୦୨.୦୮.୨୦୨୪ ରିଖ ଓ କାର୍ଯ୍ୟ ଶେଷ ତା ୩୦.୧୦.୨୦୨୪ ରିଖ ଅଟେ। ସମ୍ପୃକ୍ତ ସହାୟକ ଯନ୍ତ୍ରୀ ତାଙ୍କ ଟିପ୍ପଣୀ ପୃଷ୍ଠା-୮୦ କୁ ଆଧାର କରି ସମ୍ପୃକ୍ତ ଠିକାଦାର ଅନ୍ୟୂନ ୨ ମାସ କାର୍ଯ୍ୟ କରିଥିଲେ, କିନ୍ତୁ ଏହି ସମୟରେ ଉକ୍ତ ଜାଗା ଉପରେ OWSSB କାର୍ଯ୍ୟ ଆରମ୍ଭ କରିଥିଲେ ଓ କିଛି ଜାଗାରେ ଅବରୋଧ ଥିବାରୁ ଅବରୋଧମୁକ୍ତ ପାଇଁ ମଧ୍ୟ ଉକ୍ତ କାର୍ଯ୍ୟଟି ବିଳମ୍ବ ହୋଇଥିଲା ଯାହାକି ପରବର୍ତ୍ତୀ ସମୟରେ ଠିକାଦାର ଉକ୍ତ କାର୍ଯ୍ୟଟିକୁ ତା ୨୩.୧୨.୨୦୨୫ ରିଖ ସୁଦ୍ଧା ସୁରୁଖୁରୁରେ ସମ୍ପାଦନ କରିଥିଲେ। ଏଥିପାଇଁ ଉକ୍ତ କାର୍ଯ୍ୟଟିର ସମୟସୀମା ୪୧୮ ଦିନ ବୃଦ୍ଧି କରିବା ସହିତ ନିୟମ ଭଙ୍ଗ ଜନିତ ଆର୍ଥିକ ଦଣ୍ଡସ୍ୱରୂପ ଟ୨୦,୦୦୦/-ଙ୍କା ମାତ୍ର ସମ୍ପୃକ୍ତ ଠିକାଦାରଙ୍କ ଠାରୁ ଆଦାୟ କରିବା ସମ୍ପର୍କରେ କମିଟିଙ୍କ ବିଚାର:-ନଥି ନଂ-XXIX-II-61/2024 ଟିପ୍ପଣୀ-୮୦ ରୁ ୮୭ ଦ୍ରଷ୍ଟବ୍ୟ।

ନିର୍ଦ୍ଧାରଣ-୧୧. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା।

ପ୍ରସ୍ତାବ-୧୨. ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଙ୍କ ତରଫରୁ ନିବିଦା ସଂଖ୍ୟା-୨୫/୨୩-୨୪ ତା ୨୫.୦୧.୨୦୨୪ ରିଖରେ ଉକ୍ତ କାର୍ଯ୍ୟ ଯଥା:-ୱାର୍ଡ ନଂ-୬୫ ଠାରେ ପେଭର ରାସ୍ତା ଓ ନାଳ ନିର୍ମାଣ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା। ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକୁ ଯାଂଚ୍ କରାଯାଇ ତନ୍ମଧ୍ୟରୁ ସର୍ବନିମ୍ନ ଦରଦାତା ଭାବେ M/s Maa Khanduali Engineering Works Prop:- ଶ୍ରୀ ରବୀନ୍ଦ୍ର କୁମାର ବିଶ୍ୱାଳଙ୍କୁ ଚୟନ କରାଯାଇ କାର୍ଯ୍ୟାଦେଶ ସଂଖ୍ୟା-୨୯୧୯୭ ତା ୧୯.୦୭.୨୦୨୪ ରିଖରେ କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା ଯାହାକି କାର୍ଯ୍ୟ ଆରମ୍ଭ ତାରିଖ ଯଥାକ୍ରମେ ତା ୨୪.୦୭.୨୦୨୪ ରିଖ ଓ କାର୍ଯ୍ୟ ଶେଷ ତା ୨୧.୧୦.୨୦୨୪ ରିଖ ଅଟେ। ଏହି ସମୟରେ ଉକ୍ତ ଜାଗା ଉପରେ ଉପରସ୍ଥ ଅଧିକାରୀଙ୍କ ଆଦେଶ ମୁତାବକ ପାଣି ମହଜୁଦ ନଥିବାରୁ ଏବଂ ତତ୍ସହିତ ଜମିର ବିଶୃଙ୍ଖଳା ରହିଥିବାରୁ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଜମିର ସମାଧାନ ଏବଂ ଅନ୍ୟାନ୍ୟ ଅସୁବିଧା ଯଥା:-ଗଛକଟା, ଇଲେକ୍ଟ୍ରି ପୋଲ୍‌ର ସ୍ଥାନାନ୍ତରଣ ଏବଂ ସୀମା ନିର୍ଦ୍ଧାରଣ ଏହିସବୁ କାର୍ଯ୍ୟ ପାଇଁ ଉକ୍ତ କାର୍ଯ୍ୟଟି ବିଳମ୍ବ ହୋଇଥିଲା। ନଥି ନଂ-XXIX-II-9/2024 ଟିପ୍ପଣୀ-୫୮ ରୁ ୫୯ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ କାର୍ଯ୍ୟଟିର ସମୟସୀମା ୩୬୫ ଦିନ (EOT) ବୃଦ୍ଧି କରିବା ସମ୍ପର୍କରେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ-୧୨. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା।

ପ୍ରସ୍ତାବ-୧୩. ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ସରକାରୀ/ବେସରକାରୀ ଜାଗାରେ କିମ୍ବା ଉଚ୍ଚତମ ଅଟ୍ଟାଳିକା ଉପରେ ଲାଗିଥିବା ବେଆଇନ୍ ବିଜ୍ଞାପନ ହୋର୍ଡ଼ିଂ ଗୁଡ଼ିକୁ ହଟାଇବା ନିମନ୍ତେ (Dismantling and removal of illegal advertisement hoardings installed on Pvt./Govt. land, rooftops of high-rise buildings etc. within the jurisdiction of BMC) ମହାନଗର ନିଗମ ତରଫରୁ Short Tender Call Notice No.-10495 dt.20.02.2026 ମୁତାବକ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଥିରେ ଅଂଶଗ୍ରହଣ କରିଥିବା ସଂସ୍ଥା ମାନଙ୍କ ସମ୍ପୂର୍ଣ୍ଣ ଜୋନ୍ ୱାଇଜ୍ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି ।

| Sl. No. | Zone | Name of the Bidder | Rate Quoted (Rs. per ton of scrap material) (Excluding GST) | Status |
|---|---|---|---|---|
| 1 | South-West | M/s Suvransu Traders | 16,000/- | H-1 |
| | | M/s Supreme Construction | 12/- | |
| 2 | North | M/s Suvransu Traders | 16,000/- | H-1 |
| | | M/s Supreme Construction | 12/- | |
| 3 | South-East | M/s Shree Hanuman Steel | 21,000/- | H-1 |
| | | M/s Suvransu Traders | 16,000/- | |
| | | M/s Supreme Construction | 12/- | |

ବର୍ତ୍ତମାନ ପରିପ୍ରେକ୍ଷୀରେ, ଉକ୍ତ ଶ୍ରେଣୀର ଯାନବାହନଗୁଡିକ ନଗର ନିଗମର ବିଭିନ୍ନ ଶାଖାମାନଙ୍କ ଦ୍ୱାରା ଯଥା:- Electrical Section, Environment Section, Health Office ଓ Sanitation Section—ଗୁରୁତ୍ୱପୂର୍ଣ୍ଣ ସ୍ୱଚ୍ଛତା, ପଶୁ ମୃତଦେହ ବ୍ୟବସ୍ଥାପନ, ଡଗ୍ କ୍ୟାଚିଂ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସମ୍ବନ୍ଧିତ Utilizing Officers ଙ୍କ ରିପୋର୍ଟ ଏବଂ ସଠିକ୍ ଭାବେ ରଖାଯାଇଥିବା ଓ ପ୍ରମାଣିତ logbook ସହିତ GPS ରିପୋର୍ଟ ଯାଞ୍ଚ କରିବା ପରେ ଦେଖାଯାଇଛି ଯେ, ପ୍ରଶାସନିକ ଆବଶ୍ୟକତା ଓ

କ୍ଷେତ୍ରସ୍ତରର କାର୍ଯ୍ୟ ସମ୍ପାଦନର ଅନିବାର୍ଯ୍ୟତାର କାରଣରୁ ଯାନବାହନକୁ ନିର୍ଦ୍ଧାରିତ ୮ ଘଣ୍ଟାରୁ ଅଧିକ ସମୟ ପାଇଁ ନିୟୋଜିତ ରଖିବାକୁ ପଡୁଅଛି ।

ନଗର ସେବାର ଅତ୍ୟାବଶ୍ୟକ, ନିରନ୍ତର ଓ ସମୟସାପେକ୍ଷ ସ୍ୱଭାବକୁ ଦୃଷ୍ଟିରେ ରଖି, ଏହିପରି ଅତିରିକ୍ତ ସମୟର ନିଯୁକ୍ତି ସାଧାରଣ ଲୋକହିତରେ ଆବଶ୍ୟକ। ଏହି ଅତିରିକ୍ତ କାର୍ଯ୍ୟ ସମୟ ପ୍ରତିଦିନ ଆଧାରରେ logbook ରେ ସଠିକ୍ ଭାବେ ଲେଖାଯାଇଥିବା ସହିତ ସମ୍ବନ୍ଧିତ Utilizing Officers ଦ୍ୱାରା ପ୍ରମାଣିତ କରାଯାଉଅଛି । ପ୍ରତି ମାସିକ Utilization Certificate, ଯାହା ଦୈନିକ logbook ଏଣ୍ଟ୍ରି ଉପରେ ଆଧାରିତ, ସମ୍ବନ୍ଧିତ Utilizing Officers ଦ୍ୱାରା ଜାରି ହୋଇଥିବା ସହିତ Officer-in-Charge ଙ୍କ ଦ୍ୱାରା countersigned ହେଉଅଛି । ଏହା ସହିତ, Vehicle Section ପକ୍ଷରୁ ପ୍ରତିମାସ ଶେଷରେ logbook ଯାଞ୍ଚ ଓ ପ୍ରମାଣିକରଣ କରାଯାଇଥିବାରୁ, ଏହି ଅତିରିକ୍ତ ନିଯୁକ୍ତିର ସତ୍ୟତା ଓ ପ୍ରକ୍ରିୟାଗତ ସଠିକତା ସ୍ଥାପିତ ହୋଇଛି।

ଏହି ପରିସ୍ଥିତିରେ ଦେୟ ପ୍ରଦାନକୁ ନିମ୍ନୋକ୍ତ ଆଧାରରେ କଡାକଡି ଭାବେ ନିୟନ୍ତ୍ରିତ କରିବା ପ୍ରସ୍ତାବିତ ହେଉଛି:-

(1) ସମ୍ପୃକ୍ତ ବ୍ୟବହାରକାରୀ ଅଧିକାରୀଙ୍କ ଦ୍ୱାରା ଜାରିକୃତ ଏବଂ ଯୋଗ୍ୟ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ ମାସିକ utilization certificate.

(2) ଦୈନିକ ଲଗବୁକ୍ ଏଣ୍ଟ୍ରିଗୁଡ଼ିକୁ ଉପଯୋଗୀ ଅଧିକାରୀଙ୍କ ଦ୍ୱାରା ସଠିକ୍ ଭାବରେ ରେକର୍ଡ ଏବଂ ପ୍ରମାଣିତ କରାଯିବା |

(3) ଯାନବାହନ ବିଭାଗ ଦ୍ୱାରା ଲଗବୁକର ନିୟୋଜିତ ସମୟର ଯାଞ୍ଚ ଏବଂ ମାସିକ ପ୍ରମାଣପତ୍ର କରାଯିବା |

ଉପରୋକ୍ତ ପରିପ୍ରେକ୍ଷୀରେ, ଉଲ୍ଲିଖିତ ଶ୍ରେଣୀର ଯାନବାହନଗୁଡିକର ୮ (ଆଠ) ଘଣ୍ଟାରୁ ଅଧିକ ସମୟ ନିୟୋଜିତ ପାଇଁ, ପ୍ରଚଳିତ ଚୁକ୍ତିର ନିୟମ ଓ ସର୍ତ୍ତାନୁସାରେ ହାୟାରିଂ ଚାର୍ଜ ଦେୟ ପାଇଁ ଅନୁମତି ଏବଂ ଏହି ବ୍ୟବସ୍ଥାକୁ ଔପଚାରିକ ରୂପ ଦେବା ପାଇଁ ଅବସ୍ଥିତ ଚୁକ୍ତିରେ ଆବଶ୍ୟକ Addendum ସଂପାଦନ କରାଯିବା ପାଇଁ କମିଟିଙ୍କ ବିଚାର :- ନଥି ନଂ- XXXVI-121/2025

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ଅନୁମୋଦନ କରିବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୩(୧). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା Public toilet ମାନଙ୍କର female section ରେ 12 ଗୋଟି incinerator, 12 ଗୋଟି sanitary napkin vending machine, 12 ଗୋଟି exhaust fan ଏବଂ ୨3 ଗୋଟି door closure ଆନୁମାନିକ ୫.00 lakh ଟଙ୍କା ବିନିମୟରେ ଉଚିତ ପ୍ରକ୍ରିୟା ଅନୁସରଣ କରି procurement ଏବଂ installation କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨). Short ଟେଂଡର ମାଧ୍ୟମରେ Jaydev vihar public toilet ଠାରେ 5KLD ବିଶିଷ୍ଟ Public toilet waste water treatment moduleର "Design, Supply, installation, testing ଏବଂ commissioning ସହିତ ଗୋଟିଏ ବର୍ଷ AMC" ଟ୨,44,000/-ଙ୍କା ବିନିମୟରେ ଚୟନ ହୋଇଥିବା M/S Tellus Habitat ଦ୍ୱାରା ସଂପାଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩). ଟେଂଡର ମାଧ୍ୟମରେ ଭୁଆସୁଣୀ ଦାରୁଠେଙ୍ଗା biomining siteଠାରେ ଟ47,77,632/-ଙ୍କା ବିନିମୟରେ "Construction of sanitary Scientific landfill କାର୍ଯ୍ୟ ଟେଣ୍ଡର ମାଧ୍ୟମରେ କରିବାପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪). Bhuasuni Biomining site ଠାରେ ପୁନଃପ୍ରାପ୍ତ କରାଯାଇଥିବା ଜମିର ଉନ୍ନତି କରଣ କରାଯିବା ଯଥା ମୋରମ pathway, ଏକ ବୋରିଂ, toilet ବ୍ଲକ ଏବଂ ଏକ watch men shed ଟ47,34,825/-ଙ୍କା ବିନିମୟରେ ଟେଣ୍ଡର ମାଧ୍ୟମରେ କରିବାପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୫). M/s Jindal ଠାରୁ ପାଇଥିବା Mobile Toilet Vanର booking SAFA APP ଜରିଆରେ କରାଯିବା ଏବଂ ଏହାର ସୁପରିଚାଳନା ପାଇଁ ବ୍ୟବହୃତ କରାଯାଉଥିବା consumables, caretaker, driver, fuel ଇତ୍ୟାଦି ଖର୍ଚ୍ଚ ବାବଦକୁ ଦୈନିକ Rs.20,000/- ଦେୟରେ ଉପଭୋକ୍ତା ମାନଙ୍କୁ Mobile Toilet Van କୁ ଅନଲାଇନ୍ ଏବଂ ଅଫ୍ ଲାଇନ ବୁକିଂ ମାଧ୍ୟମରେ ଯୋଗାଇଦେବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୬). Lingaraj Temple ସାମ୍ନାରେ OBCC ଦ୍ୱାରା ନିର୍ମାଣ ହୋଇଥିବା ନୂତନ Public Toiletର O&M (ଦୈନିକ ସକାଳ 5.00 A.M ରୁ ରାତ୍ର 10.00 P.M) ପାଇଁ M/s SAHA ମାସିକ ଟ52,763/- ଙ୍କାର ପ୍ରସ୍ତାବ ଦେଇଅଛି । ଏହି ନୂତନ Public Toilet ର O&M କାର୍ଯ୍ୟର ଦୁଇମାସ ନେବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୭). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା 10 ଗୋଟି ନୂତନ Loo ର O&M (ଦୈନିକ ସକାଳ 6.00 A.M ରୁ ରାତ୍ର ୨.00 P.M) ପରିଚାଳନା କରିବା ପାଇଁ ଟେଣ୍ଡର ପ୍ରକ୍ରିୟାରେ ଚୟନ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୮). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ "recycling of C&D waste materials into non-load bearing construction materials" Pandara ଠାରେ ଏକ ବର୍ଷ ପାଇଁ ସ୍ଥାପନ କରିବା ପାଇଁ EOI No.7701 DTD.14.02.2026 ମାଧ୍ୟମରେ ଚୟନ ହୋଇଥିବା M/s Shri Ram Enterprises ମାସିକ ଭଡା ବାବଦକୁ BMCକୁ ଟ1500/-ଙ୍କା ଏବଂ performance security ବାବଦକୁ ଟ50,000/-ଙ୍କା deposit କରି agreement ଏବଂ ଏହି C&D waste processing plant କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୯). ଭୁବନେଶ୍ୱର ମହାନଗର ନିଗମର ବିଭିର୍ଣ୍ଣ ବିଭାଗରେ କାର୍ଯ୍ୟ କରୁଥିବା Sanitation Multi-Tasking Assistants (SMTAs) outsourcing ମାଧ୍ୟମରେ ନିୟୋଜିତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ଏବଂ M/s All India Institute of Local Self Government (AIILSG), Bhubaneswar ମଧ୍ୟରେ ତା29.06.2022ରିଖରେ ସ୍ୱାକ୍ଷରିତ ହୋଇଅଛି, ଯାହାର ଅବଧି ପାଞ୍ଚ ବର୍ଷ ଯଥା ତା01.07.2022ରିଖ ଠାରୁ ତା30.06.2027ରିଖ ପର୍ଯ୍ୟନ୍ତ ଅଛି । Supplementary Memorandum of Understanding (MoU) / ଚୁକ୍ତି ଭୁବନେଶ୍ୱର ମହାନଗର ନିଗମ ଏବଂ M/s All India Institute of Local Self Government (AIILSG), Bhubaneswar ମଧ୍ୟରେ ତା08.08.2022ରିଖ ଅନୁଯାଇ ପ୍ରତିବର୍ଷ ସ୍ୱାକ୍ଷରିତ MoU / ଚୁକ୍ତିନାମା ନବୀକରଣ (renewal) କରାଯିବ । ଏହି ଆଧାରରେ ଗତ ବର୍ଷ ସ୍ୱାକ୍ଷରିତ ହୋଇଥିବା renewal MoU / ଚୁକ୍ତିନାମାର ଅବଧି ତା31.03.2026 ରିଖରେ ଶେଷ ହୋଇଯାଇଅଛି । ଏଣୁ ବିଭିର୍ଣ୍ଣ ବିଭାଗରେ କାର୍ଯ୍ୟର ଆବଶ୍ୟକତା ଏବଂ MoU / ଚୁକ୍ତିନାମା ତା 29.06.2022ରିଖ ଏବଂ ତା08.08.2022ରିଖକୁ ଭିତ୍ତିକରି MoU / ଚୁକ୍ତିନାମାର ଅବଧିକୁ ଏକ ବର୍ଷ ପାଇଁ ତା01.04.2026 ଠାରୁ ତା31.03.2027ରିଖ ପର୍ଯ୍ୟନ୍ତ ନବୀକରଣ (renewal) କରିବା ଏବଂ ନବୀକରଣ ପରେ Govt. କୁ ପ୍ରେରଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୧୦). ଭୁବନେଶ୍ୱର ମହାନଗର ନିଗମ ଅଂଚଳର dry waste ଗୁଡିକର ସୁପରିଚାଳନା ପାଇଁ ଏକ semi-automatic 150 TPD ର MRF processing plant Palasuni ଠାରେ BMC ଦ୍ୱାରା ସ୍ଥାପନା କରାଯାଇଅଛି । ବର୍ତମାନ ଏହି plant ର ପରିଚାଳନା BMC ଦ୍ୱାରା କରାଯାଉଅଛି । BMC ଅଂଚଳର ପ୍ରାୟତଃ ସମସ୍ତ dry waste ଏହି mega processing plantରେ କରାଯାଉଅଛି ଏଣୁ ଏହି mega processing plant ର ସୁପରିଚାଳନା ପାଇଁ ଏକ professional ସଂସ୍ଥା ଦ୍ୱାରା tender ମାଧ୍ୟମରେ ଚୟନ କରଯାଇ ପୂର୍ବରୁ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ ନୂଆ ସଂସ୍ଥା ଦ୍ୱାରା ରଖି ଚାଲୁ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୧୧). ଭୁବନେଶ୍ୱର ମହାନଗର ନିଗମ ଅଂଚଳର wet waste ଗୁଡିକର ସୁପରିଚାଳନା ପାଇଁ Windrows composting plant, TTS ଠାରେ BMC ଦ୍ୱାରା ସ୍ଥାପନା କରାଯାଇ ଅଛି । ବର୍ତମାନ ଏହି plantର ପରିଚାଳନା BMC ଦ୍ୱାରା କରାଯାଉଅଛି । ଏହି Windrows composting plant ଏବଂ RDFର ସୁପରିଚାଳନା ପାଇଁ ଏକ professional ସଂସ୍ଥା ଦ୍ୱାରା tender ମାଧ୍ୟମରେ ଚୟନ କରାଯାଇ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୧୨). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ 6 ଗୋଟି RRR centreକୁ ନିୟୋଜିତ ହୋଇଥିବା 3 ଗୋଟି NGO ସଂସ୍ଥା ଯଥା M/s Basix Municipal Waste Ventures Ltd., M/s Feedback Foundation Charitable Trust (FFCT) ଏବଂ M/s Vikash ଦ୍ୱାରା cloth, book, toy ଏବଂ utensils collection ଏବଂ ପରିଚାଳନା 3 ଗୋଟି ଗାଡି, 2 ଗୋଟି worker ଏବଂ ଅନ୍ୟାନ୍ୟ ଖର୍ଚ୍ଚ ୩ ମାସ ପାଇଁ ବହନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୧୩). Bhubaneswar Green City Mission ମାଧ୍ୟମରେ ବିନା ଦେୟରେ OREDA ଦ୍ୱାରା Rajadhani Public Toiletରେ solar panel ସ୍ଥାପନା କରାଯାଇ ଅଛି ଏବଂ ଅନ୍ୟ ୨ ଗୋଟି Public Toiletରେ solar panelର ସ୍ଥାପନା OREDA ଦ୍ୱାରା ବିନା ଦେୟରେ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୧୪). ଭୁବନେଶ୍ୱର ମହାନଗର ନିଗମ ଅଂଚଳର ଥିବା ଚାରି ଗୋଟି ମାର୍କେଟ (Unit-I, Unit-IV, Damana & TTS) ରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁ ଗୁଡିକର ସୁପରିଚାଳନା ଏବଂ ପ୍ରକ୍ରିୟା କରଣ ପାଇଁ EOI ମାଧ୍ୟମରେ ସଂସ୍ଥା ଚୟନ କରାଯାଇ BMC ଅଂଚଳରେ ଥିବା ସମସ୍ତ ମାର୍କେଟରୁ ଅଳିଆ ସଂଗ୍ରହ ଏବଂ ପରିବହନ ସହିତ ଏହାର ପ୍ରକ୍ରିୟାକରଣ କରାଯିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୧୫). ନିଷିଦ୍ଧ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ (SUP) ସାମଗ୍ରୀର ବ୍ୟବହାରକୁ ଦୂର କରିବା ଏବଂ ବଜାର କ୍ଷେତ୍ର ମଧ୍ୟରେ ସ୍ଥାୟୀ ବିକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ BMC ଏକ ପାଇଲଟ୍ project ଭାବରେ କୋଟିଲେଇ ମାର୍କେଟରେ ପ୍ଲାଷ୍ଟିକ୍ ମୁକ୍ତ ବଜାର ଆରମ୍ଭ କରାଯାଇଅଛି । ଏହି ପଦକ୍ଷେପକୁ ପରିମଳ, ଶିକ୍ଷା, PR section ବିଭାଗଗୁଡ଼ିକର ସମନ୍ୱିତ ପ୍ରୟାସ ମାଧ୍ୟମରେ ମିଳିତ ଭାବରେ ଆଗକୁ ବଢ଼ାଯାଉଛି ଯାହା ଏକ ବ୍ୟାପକ ଏବଂ ଫଳାଫଳ-ଭିତ୍ତିକ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବ। ଏହି ପରିପ୍ରେକ୍ଷୀରେ, ଏକ ସାର୍ବଜନୀନ ନୋଟିସ୍ ସହିତ ଏକ ବିସ୍ତୃତ ମାନକ କାର୍ଯ୍ୟକାରିତା ପ୍ରକ୍ରିୟା (SOP) ଆଦେଶ ନଂ6566 ତା04.02.2026 ରିଖ ମାଧ୍ୟମରେ ଜାରି କରାଯାଇଛି, ଯାହା ବଜାର ପରିସର ମଧ୍ୟରେ ଏବଂ ପ୍ରଚାର ପାଇଁ ନିଷିଦ୍ଧ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ସାମଗ୍ରୀର ବ୍ୟବହାର, ବିକ୍ରୟ, ସଂରକ୍ଷଣ ଏବଂ ବଣ୍ଟନକୁ କଡ଼ାକଡ଼ି ନିଷେଧ କରିଛି ଏବଂ IEC ହୋର୍ଡିଂ, ବ୍ୟାନର, ବ୍ୟାଗ, କାଗଜ ବ୍ୟାଗ ଇତ୍ୟାଦି ବଣ୍ଟନ ଯୋଜନା ଆନୁମାନିକ ଟ୪0,000/-ଙ୍କା ପ୍ରତି ବଜାର ପିଛା ଖର୍ଚ୍ଚ କରାଯାଇ ଅନ୍ୟ 3ଟି ବଜାର ଯଥା Damana, VSS Nagar ଏବଂ Unit –I Marketରେ କରାଯିବ। ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୧୬). ସ୍ୱଚ୍ଛ ସର୍ବେକ୍ଷଣ 2025-26 ଅନୁଯାଇ, BMC ଅଂଚଳର ବିଭିର୍ନ ଜାଗାରେ wall painting, hoardings (100 ଗୋଟି), Wealth Centre ଗୁଡିକରେ information board, ବିଭିର୍ନ ଜାଗାରେ signage board ଏବଂ twin bin / litter bin ସ୍ଥାପନ, stickering ଓ LCV ଗୁଡିକର minor repair, ରଙ୍ଗ, branding ଇତ୍ୟାଦି estimate କରି empanelled agency ମାଧ୍ୟମରେ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୧୭). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା ସରକାରୀ ସ୍କୁଲ ମଧ୍ୟରୁ ଚୟନ କରାଯାଇଥିବା ସ୍କୁଲ ମାନଙ୍କରେ "Zero Waste Project Implementation" ପାଇଁ QCN No.67020 ତା.30.12.2025 ମାଧ୍ୟମରେ ଗୋଟିଏ (01) ବର୍ଷ ଅବଧି ବିଶିଷ୍ଟ ପୁନଃ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ମୋଟ 0୪ଟି ସଂସ୍ଥା ଆବେଦନ କରିଥିଲେ। ଟେକ୍ନିକାଲ୍ ମୂଲ୍ୟାୟନରେ ଯୋଗ୍ୟ 02ଟି ସଂସ୍ଥା ଯଥା M/s Ansara Foundation ଏବଂ M/s Basix Municipal Waste Ventures Limited ମାସିକ ଟ19500/-ଙ୍କା ଦେୟରେ Zero Waste Projectକୁ ସୁଚାରୁଭାବେ କାର୍ଯ୍ୟକାରିତ କରିବାସହ Swachh Survekshan-2025 ଅଧୀନରେ ମୋବିଲାଇଜେସନ୍ କାର୍ଯ୍ୟକଳାପ ସୁଦୃଢ଼ କରିବା ହେତୁ ଏମ୍ପାନେଲ୍ କରାଯିବ ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୧୮). ଭୁବନେଶ୍ୱର ମହାନଗର ନିଗମ ଅଂଚଳର 44 ଗୋଟି ward ରେ lumpsum tender ଏବଂ 20 ଗୋଟି ward ରେ tonnage tender ମାଧ୍ୟମରେ ସଫେଇ କାର୍ଯ୍ୟ 7 ଗୋଟି agency ଦ୍ୱାରା କରାଯାଉଅଛି ଯାହାର କାର୍ଯ୍ୟ ଅବଧି ତା31.03.2026 ରିଖରେ ଶେଷ ହେଇଯାଇଅଛି ଏବଂ ନୂତନ agency ଚୟନ ପ୍ରକ୍ରିୟା tender ଚାଲୁରହିଅଛି । ଏଣୁ ଏହି 64 ଗୋଟି ward ରେ କାର୍ଯ୍ୟରତ ଥିବା agency ମାନଙ୍କର କାର୍ଯ୍ୟ ଅବଧି ଆଉ 2 ମାସ ଯଥା ତା30.06.2026 ରିଖ ପର୍ଯ୍ୟନ୍ତ (ଚାଲୁ ରହିଥିବା ସର୍ତାବଳୀ ଅନୁଯାଇ) ବର୍ଦ୍ଧିତ କରିବା ପାଇଁ ତା ୦୧.୦୭.୨୦୨୬ ରିଖ ଠାରୁ ନୂଆ ଟେଣ୍ଡର କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୧୯). ଯାନ୍ତ୍ରିକ ପ୍ରଣାଳୀ (Mechanical Sweeping) ମାଧ୍ୟମରେ ସଫେଇ କାର୍ଯ୍ୟ ପାଇଁ Package-III ଅଧୀନରେ ଡ଼କାଯାଇଥିବା tender ପ୍ରକ୍ରିୟା ଚାଲୁ ରହିଅଛି । ଏହି Package-III ଅଧୀନରେ ଥିବା Road Km Coverage –32.562 KM ଯାହାକି Lane Km Coverage– 108.748 Lane KM, M/s Jagruti Welfare Organization ଦ୍ୱାରା Mechanical Sweeping କରାଯାଉଅଛି ଯାହାର କାର୍ଯ୍ୟ ଅବଧି ତା31.03.2026 ରିଖରେ ଶେଷ ହେଇଯାଇଅଛି। M/s Jagruti Welfare Organizationର ଏହି mechanical sweeping ର କାର୍ଯ୍ୟ ଅବଧି ଆଉ ୨(ଦୁଇ) ମାସ ଯଥା ତା31.05.2026 ରିଖ ପର୍ଯ୍ୟନ୍ତ (ଚାଲୁ ରହିଥିବା ସର୍ତାବଳୀ ଅନୁଯାଇ) ଅଥବା tender ଚୟନ ପ୍ରକ୍ରିୟା ଶେଷ (whichever is earlier) ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨୦). Information & Public Relations (I&PR) ବିଭାଗ ସହିତ ଏମ୍ପାନେଲ୍ ହୋଇଥିବା ଯୋଗ୍ୟ ସଂସ୍ଥାମାନଙ୍କ ପାଖରୁ "ଆଗାମୀ Swachh Survekshan-2025 କାର୍ଯ୍ୟ ପାଇଁ ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ଡକ୍ୟୁମେଣ୍ଟେସନ୍ ସେବା ପ୍ରଦାନ କରିବାକୁ ପ୍ରଫେସନାଲ୍ ଏଜେନ୍ସି 3 ମାସ ପାଇଁ ନିଯୁକ୍ତି" ନିମନ୍ତେ ଆଗ୍ରହ ପ୍ରକାଶ (Expression of Interest – EOI No.9846 DTD.18.02.2026) ଆହ୍ୱାନ କରାଯାଇଥିଲା । 2 ଗୋଟି ସଂସ୍ଥା ଯାହାକି M/s Seventhavenue Eventz Pvt. Ltd. ଏବଂ M/s Prelude Novel Ventures Pvt. Ltd. ପ୍ରସ୍ତାବ ଦାଖଲ କରିଥିଲେ । ଚୟନ ପ୍ରକ୍ରିୟା ଅନୁଯାଇ Financial bid ଖୋଲାଯିବ ପରେ M/s Prelude Novel Ventures Pvt. Ltd. L-1 bidder ହିସାବରେ ମାସିକ ଟ3,54,000/-ଙ୍କା (inclusive of GST) ଦେୟରେ 3 ମାସ ପାଇଁ ଚୟନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨୧). ଭୁବନେଶ୍ୱର ମହାନଗର ନିଗମ (BMC) ଦ୍ୱାରା ଭୁଆସୁଣି ଠାରେ ସଂଚିତ Legacy Waste ର Biomining ଓ Processing କାର୍ଯ୍ୟ M/s Jagruti Welfare Organisation ଦ୍ୱାରା କାର୍ଯ୍ୟରତ ଅଛି। ବର୍ତ୍ତମାନ M/s Jagruti Welfare Organisation 16 ଲକ୍ଷ MT Processing କାର୍ଯ୍ୟ ଜାରି ରଖିଛନ୍ତି ଏବଂ ଚୁକ୍ତି ଅନୁଯାୟୀ ତା14.10.2026 ରିଖ ମଧରେ ଏହା ସମାପ୍ତ କରିବେ। ଅବଶିଷ୍ଟ 09 ଲକ୍ଷ MT Legacy Waste Processing ପାଇଁ 3 (ତିନି) ଲକ୍ଷ MT କ୍ଷମତାର 03 (ତିନି) ଟି ପୃଥକ ଟେଣ୍ଡର ଆହ୍ୱାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨୨). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଘରୋଇ ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁର ବୈଜ୍ଞାନିକ ପ୍ରକ୍ରିୟାକରଣ ପାଇଁ ସୈନିକ ସ୍କୁଲ ନିକଟରେ 10 TPD Plasma ୟୁନିଟର ପରିଚାଳନା ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ 6 ମାସ ପାଇଁ Corporation ର ନିର୍ଦ୍ଦେଶ କ୍ରମେ M/s Akyo Engineering Pvt. Ltd. ଦ୍ୱାରା କରାଯାଉଅଛି, ଯାହାର କାର୍ଯ୍ୟ ଅବଧି ତା31.12.2025 ରିଖରେ ଶେଷ ହୋଇଯାଇଛି। ଏହିପରି ସ୍ଥିତିରେ ଉକ୍ତ ଏଜେନ୍ସିଙ୍କ କାର୍ଯ୍ୟ ଅବଧିକୁ ଆଉ 5 ମାସ, ଯଥା ତା31.05.2026 ରିଖ ପର୍ଯ୍ୟନ୍ତ (ଚାଲୁ ଥିବା ସର୍ତ୍ତାବଳୀ ଅନୁଯାୟୀ) ବର୍ଦ୍ଧିତ କରିବା ସହିତ, ଭୁବନେଶ୍ୱର ମହାନଗର ନିଗମ ଉଚ୍ଚକର୍ତ୍ତୃପକ୍ଷଙ୍କ ଆଦେଶ ଅନୁସାରେ ନୂତନ O&M ଟେଣ୍ଡର ଆହ୍ୱାନ କରିବା ପ୍ରସ୍ତାବ ରହିଛି। ଏହି ବର୍ଦ୍ଧିତ ଅବଧି ନୂତନ ଟେଣ୍ଡର ଅନୁସାରେ ନୂତନ ଏଜେନ୍ସି ନିଯୁକ୍ତି ହେବା ପର୍ଯ୍ୟନ୍ତ କିମ୍ବା ତା31.05.2026 ରିଖ, ଯେଉଁଟି ପୂର୍ବରୁ ହେବ (whichever is earlier), ସେ ପର୍ଯ୍ୟନ୍ତ ଚାଲୁ ରହିବ। ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨୩). ଭୁବନେଶ୍ୱର ମହାନଗର ନିଗମଙ୍କ ଦ୍ୱାରା Quotation Call Notice No.11392 dt.25.02.2026 ଅନୁସାରେ BMC ହସ୍ପିଟାଲ ପାଇଁ ରନ୍ଧା ଖାଦ୍ୟ ଯୋଗାଣ ଏଜେନ୍ସି ଚୟନ କରାଯାଇଥିଲା। ତା10.03.2026 ରିଖରେ 4ଟି ବିଡ୍ ଖୋଲାଯାଇଥିଲା, ଯାହାରୁ M/s Popular Cater ଓ M/s Popular Catering କାଗଜପତ୍ର ଅପୂର୍ଣ୍ଣ ଥିବାରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। M/s Nirakar Security and Consultancy Services ଓ M/s Nischint Multiservices Pvt. Ltd. ଟେକ୍ନିକାଲ୍ ଭାବେ ଯୋଗ୍ୟ ହୋଇ ତା23.03.2026 ରିଖରେ ପ୍ରେଜେଣ୍ଟେସନ୍ କରି 92 ମାର୍କ ପାଇଥିଲେ। ତା25.03.2026 ରିଖରେ ଫାଇନାନ୍ସିଆଲ୍ ବିଡ୍ ଖୋଲାଯାଇ ଉଭୟ ଏକେ ରେଟ୍ (Rs.131.88 ପ୍ରତି ବେଡ୍ ପ୍ରତି ଦିନ) କୋଟ୍ କରିଥିବାରୁ ଲଟେରୀ ମାଧ୍ୟମରେ ଟାଇ-ବ୍ରେକ୍ କରାଯାଇ M/s Nischint Multiservices Pvt. Ltd. କୁ L-1 ଭାବେ ଚୟନ କରାଯାଇଛି। ଏହାନୁସାରେ QCN ଶର୍ତ୍ତାନୁସାରେ ସରକାରୀ ଅନୁମୋଦିତ ଦର Rs.127/- + 3.85% ସର୍ଭିସ୍ ଚାର୍ଜ (Rs.4.88) ମୋଟ Rs.131.88 ପ୍ରତି ବେଡ୍ ପ୍ରତି ଦିନ ଦେୟରେ ଏଜେନ୍ସିଙ୍କୁ ନିଯୁକ୍ତି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨୪). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା e-Procurement Odisha Portal ମାଧ୍ୟମରେ RfP No.2324 dt.11.02.2026 ଅନୁସାରେ ବିଭିନ୍ନ ୱେଷ୍ଟ ମ୍ୟାନେଜମେଣ୍ଟ ସୁବିଧା ପାଇଁ DEO-cum-Plant Managers ନିଯୁକ୍ତି ପ୍ରକ୍ରିୟା ଗ୍ରହଣ କରାଯାଇଥିଲା। ତା16.03.2026 ରିଖରେ ଟେଣ୍ଡର କମିଟି ବୈଠକରେ M/s Jagannath Placement & Security Services Pvt. Ltd. ଓ M/s JPS & C AND JPN ଙ୍କ ବିଡ୍ ଯାଞ୍ଚ କରାଯାଇ ଉଭୟ ଟେକ୍ନିକାଲ୍ ଭାବେ ଯୋଗ୍ୟ ଘୋଷିତ ହୋଇଥିଲେ। ତା17.03.2026 ରିଖ ରେ ଫାଇନାନ୍ସିଆଲ୍ ବିଡ୍ ଖୋଲାଯାଇ ଉଭୟ 3.85% ଏକେ ଆଡମିନିଷ୍ଟ୍ରେଟିଭ୍ ଚାର୍ଜ କୋଟ୍ କରିଥିବାରୁ ଲଟେରୀ ମାଧ୍ୟମରେ ଟାଇ-ବ୍ରେକ୍ କରାଯାଇ M/s JPS & C AND JPN କୁ L-1 ଭାବେ ଚୟନ କରାଯାଇଛି। ଏହାନୁସାରେ 3.85% ଆଡମିନିଷ୍ଟ୍ରେଟିଭ୍ ଚାର୍ଜ ରେ ଏଜେନ୍ସିଙ୍କୁ ନିଯୁକ୍ତି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨୫). ଭୁବନେଶ୍ୱର ମହାନଗର ନିଗମ ଉଚ୍ଚକର୍ତ୍ତୃପକ୍ଷଙ୍କ ଆଦେଶ ଅନୁସାରେ BMC ପତ୍ର ସଂଖ୍ୟା-18694 ତା.04.04.2026 ରିଖ ମାଧ୍ୟମରେ TTS ରେ ସଂଗ୍ରହିତ RDF ଲୋଡିଂ, ପରିବହନ ଓ ବିସର୍ଜନ ପାଇଁ Cement Plants କିମ୍ବା ଅନ୍ୟ ଅନୁମୋଦିତ ଶିଳ୍ପ ଉପଭୋକ୍ତାଙ୍କ ନିକଟକୁ "Expression of Interest (EoI)" ଆହ୍ୱାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨୬). ଭୁବନେଶ୍ୱର ମହାନଗର ନିଗମ (BMC) Sustainable Urban Development and Scientific Waste Management କ୍ଷେତ୍ରରେ ପ୍ରତିବଦ୍ଧତାକୁ ଅଗ୍ରସର କରିବା ଉଦ୍ଦେଶ୍ୟରେ, GRIDCO Limited ଓ IIT Bhubaneswar ସହଯୋଗରେ ଅପୁନର୍ବ୍ୟବହାରଯୋଗ୍ୟ ଶୁଷ୍କ ଅବଶିଷ୍ଟକୁ ଶୁଦ୍ଧ ଶକ୍ତିରେ ପରିଣତ କରିବା ପାଇଁ 50–100 କିଲୋୱାଟ୍ କ୍ଷମତାର ଏକ Pilot Waste-to-Energy Plant ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିଛି।

ଏହା ସମ୍ବନ୍ଧରେ, ତା08.04.2026 ରିଖରେ ସମ୍ପୃକ୍ତ ପକ୍ଷମାନଙ୍କ ଉପସ୍ଥିତିରେ ଏକ ଔପଚାରିକ ଚୁକ୍ତି ସ୍ୱାକ୍ଷର କରାଯାଇଛି।ପ୍ରସ୍ତାବିତ ପ୍ଲାଣ୍ଟଟି Meherpalliରେ, Oil India Limited ଙ୍କ ପ୍ରସ୍ତାବିତ CBG Plant ନିକଟରେ ସ୍ଥାପିତ ହେବ। ଏହି ପାଇଲଟ୍ ପ୍ରକଳ୍ପ ମାଧ୍ୟମରେ ଅପୁନର୍ବ୍ୟବହାରଯୋଗ୍ୟ ଶୁଷ୍କ ଅବଶିଷ୍ଟରୁ ଶକ୍ତି ଉତ୍ପାଦନ ପାଇଁ ନୂତନ ପ୍ରଯୁକ୍ତିର ପ୍ରାୟୋଗିକ ପ୍ରଦର୍ଶନ କରାଯିବ ଏବଂ ଏହା ଆଧାରରେ ଭବିଷ୍ୟତରେ ବୃହତ୍ ପରିମାଣର Waste-to-Energy Plant ସ୍ଥାପନ ପାଇଁ ଆବଶ୍ୟକ ଟେକ୍ନିକାଲ୍ ସହଯୋଗ ଓ ଅନୁଭବ ଉପଲବ୍ଧ ହେବ। ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨୭). Bhubaneswar Municipal Corporation (BMC) ଙ୍କ ଦ୍ୱାରା GRIDCO Limited ଓ IIT Bhubaneswar ସହିତ Pilot Waste-to-Energy Plant ସ୍ଥାପନ ପାଇଁ ତା08.04.2026 ରିଖରେ Competent Authority ଙ୍କ ଅନୁମୋଦନରେ MoU ସ୍ୱାକ୍ଷରିତ ହୋଇଛି। Meherpalli ରେ ଏହି ପ୍ରକଳ୍ପ ସହିତ Waste to CBG Plant ର ETP ମଧ୍ୟ ଅବସ୍ଥିତ ଥିବାରୁ ଉଭୟ ପ୍ରକଳ୍ପର ସୁଚାରୁ ଯାତାୟାତ ଓ ୱେଷ୍ଟ Transporation ପାଇଁ ETP ସହ ପ୍ରସ୍ତାବିତ Waste-to-Energy Plantକୁ ସଂଯୋଗ କରି 210 ମିଟର Approach Road ନିର୍ମାଣ ଆନୁମାନିକ ଟ11,47,000/-ଙ୍କା (Inclusive of GST) ବ୍ୟୟରେ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨୮). ଭୁବନେଶ୍ୱର ମହାନଗର ନିଗମ ଅଂଚଳର Unit-1, Unit-IV, Damana ଓ TTS ମାର୍କେଟରୁ ନିର୍ଗତ ବର୍ଜ୍ୟବସ୍ତୁର ସୁପରିଚାଳନା, ସଂଗ୍ରହ, ପରିବହନ ଓ ପ୍ରକ୍ରିୟାକରଣ ପାଇଁ Bhubaneswar Municipal Corporation (BMC) ଓ M/s Nexband Renewables ମଧ୍ୟରେ ତା06.04.2026 ରିଖରେ Competent Authority ଙ୍କ ସମ୍ମୁଖରେ MoU ସ୍ୱାକ୍ଷରିତ ହୋଇଛି। ସଂସ୍ଥା ଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ଅଞ୍ଚଳର ଖୁଣ୍ଟବନ୍ଧାରେ Compressed Biogas (CBG) ପ୍ଲାଣ୍ଟ ସ୍ଥାପନ ଏବଂ ଏହି ମାର୍କେଟଗୁଡ଼ିକରୁ ସଂଗ୍ରହିତ ସମସ୍ତ ଜୈବିକ ବର୍ଜ୍ୟବସ୍ତୁ ସେହି CBG ପ୍ଲାଣ୍ଟକୁ ପ୍ରେରଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨୯). Odisha State Disaster Management Authority (OSDMA) ପତ୍ର ସଂଖ୍ୟା 896 ତା.02.04.2026 ରିଖ ଅନୁସାରେ ଭୁବନେଶ୍ୱରରେ ତୀବ୍ର ତାପଦାହ ନିବାରଣ ପାଇଁ 15ଟି Multipurpose Rest Shed ସ୍ଥାପନ (ପ୍ରତିଟି ରୁ.4,50,000/- ମୋଟ ରୁ.67,50,000/-) । ବର୍ତ୍ତମାନ Bhubaneswar Municipal Corporation (BMC) ଦ୍ୱାରା M/s MT Portable Cabin Solutions Pvt. Ltd. ମାଧ୍ୟମରେ ସ୍ଥାପିତ Attendance Kiosk cum Rest Shed ମଧ୍ୟରୁ 1ଟି ର ଗୁଣସ୍ତର, ଫିନିଶ୍ ଓ କାର୍ଯ୍ୟକ୍ଷମତା ସନ୍ତୋଷଜନକ ପାଇଯାଇଛି ଏବଂ ନିର୍ଦ୍ଧାରିତ ଦର ରୁ.3,20,000/- ପ୍ରତି unit (Exclusive of GST) ଅଟେ। ତୀବ୍ର ତାପଦାହ ପରିସ୍ଥିତି ଓ ନିର୍ଦ୍ଧାରିତ ସମୟ ସୀମାକୁ ଦୃଷ୍ଟିରେ ରଖି ନୂତନ ଟେଣ୍ଡର ପ୍ରକ୍ରିୟା କରିଲେ କାର୍ଯ୍ୟକାରୀକରଣରେ ବିଳମ୍ବ ସମ୍ଭାବନା ରହିଥିବାରୁ, ପୂର୍ବରୁ ନିର୍ଦ୍ଧାରିତ ଦର ଓ ସର୍ତ୍ତାବଳୀ ଅନୁଯାୟୀ M/s MT Portable Cabin Solutions Pvt. Ltd. ଠାରୁ ଅତିରିକ୍ତ 10 (ଦଶ) ଟି Attendance Kiosk ମୋଟ ରୁ.37,76,000/- (ରୁ.32,00,000/- + GST ରୁ.5,76,000/-) ଟଙ୍କାରେ କ୍ରୟ ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩୦). ଭୁବନେଶ୍ୱର ମହାନଗର ନିଗମର TTS ଠାରେ 10 TPD କ୍ଷମତାର ଏକ Waste-to-Energy Plant କୁ ଟେଣ୍ଡର ମାଧ୍ୟମରେ ସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩୧). ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ସମସ୍ତ ୬୭ ଗୋଟି ୱାର୍ଡରେ ଘରରୁ ଘର ଆବର୍ଜନା ଓ ଅଳିଆ ପୃଥକ ପୃଥକ ଭାବରେ ସଂଗ୍ରହ କରିବାପାଇଁ ନିୟୋଜିତ ହୋଇଥିବା Light Commercial Vehicles (LCVs) ମାନଙ୍କରେ ୧୧ ଗୋଟି ୱାର୍ଡରେ ପ୍ରତି LCVରେ ଗୋଟିଏ ଲେଖାଏଁ Helper ଏବଂ ଅନ୍ୟ ସମସ୍ତ ୫୬ ଗୋଟି ୱାର୍ଡରେ ପ୍ରତି LCV ରେ ଦୁଇଗୋଟି ଲେଖାଏଁ Helper ନିୟୋଜିତ କରି ନିୟୋଜିତ ହୋଇଥିବା NGO ମାନେ ଅଳିଆ ସଂଗ୍ରହ କରୁଛନ୍ତି | ୧୧ ଗୋଟି ୱାର୍ଡ ଯେଉଁଥିରେ ପ୍ରତି LCV ରେ ଗୋଟିଏ ଲେଖାଏଁ Helper ନିୟୋଜିତ କରାଯାଇ ଅଳିଆ ସଂଗ୍ରହ କରାଯାଉଛି, ସେହି ୱାର୍ଡ ଗୁଡିକ ଯଥା :-7,13,16,20,21,26,54,55,60,61 ଏବଂ 67, ଏହି ୱାର୍ଡ ଗୁଡିକରେ ଘରରୁଘର ଆବର୍ଜନା ଓ ଅଳିଆ ପୃଥକ ପୃଥକ ଭାବରେ ସଂଗ୍ରହ କରିବା ବର୍ତ୍ତମାନ ବାଧାପ୍ରାପ୍ତ ହେଉଅଛି | ଏହି ୧୧ ଗୋଟି ୱାର୍ଡରେ ପ୍ରତି LCV ରେ additional ଆଉ ଗୋଟିଏ helper ନିୟୋଜିତ କରି ଯାହାକି ପ୍ରତି LCV ରେ ଦୁଇଗୋଟି Helper ନିୟୋଜିତ ହୋଇ ସୁଚାରୁରୂପେ ଘରରୁ ଘର ଆବର୍ଜନା ପୃଥକ ପୃଥକ ଭାବରେ ନିୟୋଜିତ NGO ମାନଙ୍କ ଦ୍ୱାରା ସଂଗ୍ରହ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ଉକ୍ତ ୧୧ ଗୋଟି ୱାର୍ଡ (ୱାର୍ଡ ନଂ 7, 13, 16, 20, 21, 26, 54, 55, 60, 61 ଓ 67) ରେ LCV ଯାନ ପାଇଁ ଅତିରିକ୍ତ ୧ (ଏକ) ଜଣ ହେଲ୍ପର ନିଯୁକ୍ତି ସମ୍ବନ୍ଧରେ 3.85% ଓଭରହେଡ୍ charges ଲାଗୁ ହେବ ନାହିଁ। ଏହି ଅତିରିକ୍ତ ହେଲ୍ପର ନିଯୁକ୍ତି ପାଇଁ ହେବାକୁ ଥିବା ସମସ୍ତ ବ୍ୟୟ ଭୁବନେଶ୍ୱର ମହାନଗର ନିଗମ (BMC) ଙ୍କ ନିଜସ୍ୱ fund (ପାଣ୍ଠି) ରୁ ବହନ କରାଯିବ।

ଉକ୍ତ ୧୧ଟି ୱାର୍ଡରେ ଅତିରିକ୍ତ ୧ (ଏକ) ଜଣ ହେଲ୍ପର ନିଯୁକ୍ତି ତା01.10.2025 ରିଖରୁ 30.06.2026 ପର୍ଯ୍ୟନ୍ତ ଲାଗୁ ରହିବ ।

ନିର୍ଦ୍ଧାରଣ-୩(୩୨). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନ 22 ରେ Basix NGO ଦ୍ୱାରା trident Galaxy apartmentରୁ ଦୈନିକ ପାଖାପାଖି 4 ଟ୍ରିପ ଘରୋଇ ଅଳିଆ ସଂଗ୍ରହ କରାଯାଉଛି । ବର୍ତମାନ Trident Galaxy Apartmentରେ 1200 Household ଠାରୁ ବାର୍ଷିକ ହାରାହାରି 12 ଲକ୍ଷ ଟଙ୍କା (Sanitation User fee) South West Zone ମାଧ୍ୟମରେ ସଂଗ୍ରହ କରାଯାଉଛି Basix NGO ଦ୍ୱାରା OD 02-CH -6776 (Additional Vehicle) କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଅଛି ଓ ଏହାର ଦୈନିକ ବର୍ଯ୍ୟ ସୁପରିଚାଳନା ପାଇଁ ଏହି ଗାଡି ସହ 1ଗୋଟି driver ସହ ଦୁଇ ଜଣ Helper ତା01-07-2025 ରିଖ ଠାରୁ ନିୟୋଜିତ ଅଛନ୍ତି ।

ୱାର୍ଡ Sanitary Inspector ଓ Junior Sanitation Expert ଙ୍କ filed report କୁ ଭିତିକରି ଏହି କାର୍ଯ୍ୟର ସୁପରିଚାଳନା ପାଇଁ OD 02-CH -6776 (Additional Vehicle) କୁ Trident Galaxy ଦୈନିକ ବର୍ଯ୍ୟ ସଂଗ୍ରହ ସହ 1 ଗୋଟି Driver ଓ 2 ଗୋଟି Helper କୁ ନିଯୋଜିତ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩୩). SISSO ସହିତ ହୋଇଥିବା ପୂର୍ବ ଚୁକ୍ତିନାମାର Point No. 18 ଅନୁଯାଇ commissioning ତାରିଖ ଠାରୁ ୧୦ (ଦଶ) ବର୍ଷ ପାଇଁ ଚାଳନା ଓ ରକ୍ଷାବେକ୍ଷଣ କରିବେ ଏବଂ ସନ୍ତୋଷଜନକ କାର୍ଯ୍ୟଦକ୍ଷତା ପରେ ୫ (ପାଞ୍ଚ)·ବର୍ଷ ପାଇଁ extensionର ବ୍ୟବସ୍ଥା ଥିଲା, ଯାହାକୁ ବର୍ତ୍ତମାନର Draft Agreement ରେ ସଂଶୋଧନ କରି ଦ୍ୱିତୀୟ ପକ୍ଷ Aspirational Toilet Complex ଗୁଡ଼ିକୁର କାର୍ଯ୍ୟ ଶେଷ ତାରିଖ ଠାରୁ ୧ (ଏକ) ବର୍ଷ ପର୍ଯ୍ୟନ୍ତ ଚାଳନା ଓ ରକ୍ଷାବେକ୍ଷଣ କରିବେ। କାର୍ଯ୍ୟ ସନ୍ତୋଷଜନକ ଥିବା ପରିସ୍ଥିତିରେ, ଉଭୟ ପକ୍ଷର ପରସ୍ପର ଆଲୋଚନାରେ ଏହି ସମୟ ସୀମାକୁ ଅତିରିକ୍ତ ୧ (ଏକ) ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ପରବର୍ତ୍ତୀ ସମୟରେ BMC ଦ୍ୱାରା ଯଥାଚିତ ପ୍ରକ୍ରିୟା ଅନୁସରଣ କରି ନୂତନ ଏଜେନ୍ସି ଚୟନ କରାଯିବାର ବ୍ୟବସ୍ଥା ରହିଅଛି । ଏହାର ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩୪). ଆସନ୍ତା Swachh Survekshan 2025-26 ଉପଲକ୍ଷେ, BMC ଅଞ୍ଚଳରେ ଥିବା Public Toilet ଗୁଡିକର filed verification କରାଯିବ। report ଆଧାରରେ ୩୩ଟି Public Toiletରେ Minor Repairing କାର୍ଯ୍ୟ ଆବଶ୍ୟକ ରହିଅଛି। ଏହି ୩୩ଟି Public Toiletରେ Minor Repairing କାର୍ଯ୍ୟଗୁଡ଼ିକୁ ଟ20,39,000/- ଙ୍କା ବିନିମୟରେ SISSO ମାଧ୍ୟମରେ କରାଯିବ। ଏବଂ ଯେହେତୁ SISSO ଏକ Non-Profit Organization, ଏଥିପାଇଁ ୭.୫୦% Contractor's Profit ପ୍ରଦାନ କରାଯିବ ନାହିଁ ଏବଂ କୌଣସି କାର୍ଯ୍ୟର Item Rate ରେ ଏହା ସମ୍ମିଳିତ କରାଯିବ ନାହିଁ। କିନ୍ତୁ, ପ୍ରତ୍ୟେକ କାର୍ଯ୍ୟର ଅନ୍ତିମ ଦର ସହିତ ୭.୫୦% Overhead Charges ଦିଆଯିବ ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩୫). ବର୍ତ୍ତମାନ ଏମ୍ପାନେଲ୍ ଏଜେନ୍ସି M/s Sheranwali Infrastructure Pvt. Ltd. ସହ ଅତିରିକ୍ତ ଭେହିକଲ୍ ପ୍ରଦାନକାରୀ ଏଜେନ୍ସିମାନଙ୍କର ଏମ୍ପାନେଲ୍ମେଣ୍ଟ ପାଇଁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (BMC) ପାଇଁ ବିଭିନ୍ନ ପ୍ରକାରର Heavy Vehicles, Earth Moving Machineries, Enforcement Vehicles ଏବଂ Official Vehicles ଭଡାସୂତ୍ରରେ ନିୟୋଜିତ କରିବା ପାଇଁ "Selection of Agency for Hiring of Various Types of Heavy Vehicles, Earth Moving Machineries, Enforcement Vehicles & Official Vehicles for Bhubaneswar Municipal Corporation" ବିଷୟରେ RFP No. 23657 ତାରିଖ 07.06.2024 ରେ ଜାରି କରାଯାଇଥିଲା। କର୍ପୋରେସନଙ୍କ ଅନୁମୋଦନକ୍ରମେ M/s Sheranwali Infrastructure Pvt. Ltd. ସହ ଚୁକ୍ତି ସଂପାଦିତ ହୋଇ 01.10.2024 ରୁ ସେବା ଆରମ୍ଭ ହୋଇଛି। ପରବର୍ତ୍ତୀ କାଳରେ, କାର୍ଯ୍ୟାନ୍ୱୟନ ସମୟରେ କିଛି ପ୍ରଶାସନିକ ଏବଂ କାର୍ଯ୍ୟକାରୀ ଆବଶ୍ୟକତା ଦୃଷ୍ଟିରେ ରଖି, ଯୋଗ୍ୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ସହିତ 28.02.2025 ଏବଂ 05.03.2026 ରେ Addendum Contract ସଂପାଦିତ ହୋଇଛି। ଚୁକ୍ତିର ନିୟମ ଓ ସର୍ତ୍ତାବଳୀ ଅନୁସାରେ, ଏହି ଏଜେନ୍ସିକୁ Official Vehicles (Innova, Bolero, Ertiga, Swift Dzire, Celerio ଇତ୍ୟାଦି) ସହିତ Heavy Vehicles & Machineries (Chain Mounted Excavator, Tyre Mounted Excavator, Dozer, Hyva, Tipper, Mini Truck, Tata Ace, Tractor ଇତ୍ୟାଦି) ପ୍ରଦାନ କରିବା ଦାୟିତ୍ୱ ଦିଆଯାଇଛି, ଯାହା ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ବିଭିନ୍ନ କାର୍ଯ୍ୟ—ଦୈନିକ ପ୍ରଶାସନିକ କାର୍ଯ୍ୟ, Enforcement ଏବଂ Shine Team କାର୍ଯ୍ୟକଳାପ, ସାନିଟେସନ ସେବା ଏବଂ ବିକାଶମୂଳକ କାର୍ଯ୍ୟ—ପାଇଁ ବ୍ୟବହୃତ ହେଉଛି। ଏହି ଚୁକ୍ତିର ବୈଧତା ଅବଧି ଦୁଇ ବର୍ଷ, ଯାହା 30.09.2026 ପର୍ଯ୍ୟନ୍ତ ବୈଧ ରହିବ।

**କିନ୍ତୁ, ଚୁକ୍ତିର କାର୍ଯ୍ୟାନ୍ୱୟନ ସମୟରେ ନିମ୍ନୋକ୍ତ ଅସୁବିଧା ଓ ଅନିୟମିତତାମାନ ଦେଖାଯାଇଛି:**

1. ଏଜେନ୍ସି ପକ୍ଷରୁ ଆବଶ୍ୟକ ଅପରେସନାଲ କ୍ଷମତା ଓ କାର୍ଯ୍ୟଦକ୍ଷତା ସନ୍ତୋଷଜନକ ଭାବେ ନିରନ୍ତର ରକ୍ଷା କରାଯାଉନାହିଁ।
2. Official Vehicles ଓ Heavy Vehicles & Machineries ର ଯଥାପ୍ରକାର, ପର୍ଯ୍ୟାପ୍ତ ଏବଂ ସମୟୋପଯୁକ୍ତ ଯୋଗାଣରେ ପୁନଃପୁନି ଅନିୟମିତତା ଓ ଅପର୍ଯ୍ୟାପ୍ତତା ପ୍ରକାଶ ପାଇଛି।
3. ଚାହିଦା ଅନୁଯାୟୀ ସମୟ ମଧ୍ୟରେ ଭେହିକଲ୍ ଯୋଗାଣ କରିବାରେ ଏଜେନ୍ସି ପକ୍ଷରୁ ଅସମର୍ଥତା ବ୍ୟକ୍ତ କରାଯାଇଛି।
4. ଉପରୋକ୍ତ ଅସୁବିଧାମାନଙ୍କ ଫଳରେ କର୍ପୋରେସନର ଜରୁରୀ ଏବଂ ସମୟସପେକ୍ଷ କାର୍ଯ୍ୟସମୂହରେ ଗୁରୁତର ବିଘ୍ନ ସୃଷ୍ଟି ହେଉଛି।
5. ଚୁକ୍ତିରେ ଉଲ୍ଲେଖିତ ବିଶିଷ୍ଟ ମାନଦଣ୍ଡ (specifications) ଅନୁସାରେ ଭେହିକଲ୍ ପ୍ରଦାନ କରିବାରେ ଏଜେନ୍ସି ପକ୍ଷରୁ ପୁନଃପୁନି ବିଫଳତା ଦେଖାଯାଇଛି।
6. କେତେକ ସ୍ଥିତିରେ ପୁରୁଣା (over-aged) ଭେହିକଲ୍ ଯୋଗାଣ କରାଯାଇଥିବା ପ୍ରମାଣିତ ହୋଇଛି।
7. ଏହି ପ୍ରକାର କାର୍ଯ୍ୟଚରଣ ଚୁକ୍ତିର ନିୟମାବଳୀ ଓ ନିର୍ଦ୍ଦିଷ୍ଟ ମାନକର ସ୍ପଷ୍ଟ ଉଲ୍ଲଂଘନ ସୂଚିତ କରେ।

ଉପରୋକ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ସେବା ପ୍ରଦାନରେ ଅବିରତତା, କାର୍ଯ୍ୟକ୍ଷମତା ଓ ସୁଚାରୁ ଚାଳନା ସୁନିଶ୍ଚିତ କରିବା ପାଇଁ, ବର୍ତ୍ତମାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆବଶ୍ୟକ ମନେ ହେଉଛି। ଏହି ପରିପ୍ରେକ୍ଷିରେ,

ବର୍ତ୍ତମାନ ଏମ୍ପାନେଲ୍ ଏଜେନ୍ସି M/s Sheranwali Infrastructure Pvt. Ltd. ସହ ଅତିରିକ୍ତ ଭେହିକଲ୍ ପ୍ରଦାନକାରୀ ଏଜେନ୍ସିମାନଙ୍କୁ ଏମ୍ପାନେଲ୍ କରାଯିବା ପ୍ରସ୍ତାବ ରହିଛି, ଯାହା ଦ୍ୱାରା କର୍ପୋରେସନର କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ଅନୁଯାୟୀ ସମୟୋପଯୁକ୍ତ ଓ କ୍ଷମତାଶୀଳ ଭେହିକଲ୍ ଯୋଗାଣ ସୁନିଶ୍ଚିତ ହେବ। ଏହି ପରିପ୍ରେକ୍ଷିରେ, ନିର୍ଦ୍ଦିଷ୍ଟ ପ୍ରକ୍ରିୟା, ନିୟମ ଓ ଆଦର୍ଶ (norms) ଅନୁସାରେ ବର୍ତ୍ତମାନ ଏଜେନ୍ସି ସହ ଅତିରିକ୍ତ ଏଜେନ୍ସିମାନଙ୍କୁ ଏମ୍ପାନେଲ୍ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩୬). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ୱାର୍ଡ଼ ନଂ-୨୮, ୨୯, ୩୦, ୩୪, ୩୫, ୩୬, ୪୦, ୪୧, ୪୪, ୪୬, ୫୨, ୫୩, ୫୫, ୫୬, ୫୭, ୬୨, ୬୩, ୬୪, ୬୫ ଓ ୬୬ ରେ ସ୍ୱଚ୍ଛତା କାର୍ଯ୍ୟ M/s Ourland Engineering Works Pvt. Ltd. ଦ୍ୱାରା ପରିଚାଳିତ ହେଉଛି । କ୍ଷେତ୍ରସ୍ତରୀୟ ରିପୋର୍ଟ ଅନୁସାରେ ଉକ୍ତ ସଂସ୍ଥାର କାର୍ଯ୍ୟଦକ୍ଷତା ଅସନ୍ତୋଷଜନକ ଥିବାରୁ ବହୁ ପରିମାଣରେ ଆବର୍ଜନା ସଂଚୟ ଘଟି ସାଧାରଣ ସ୍ୱଚ୍ଛତା ପରିସ୍ଥିତିରେ ଅବନ୍ନତି ଦେଖାଯାଇଛି ଯାହା ଜନସ୍ୱାସ୍ଥ୍ୟ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି । ଏହାର ପ୍ରତିକାରସ୍ୱରୂପ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୧୦୯୧୨ ତା ୨୩.୦୨.୨୦୨୬ ରିଖ ମାଧ୍ୟମରେ ପ୍ରତ୍ୟେକ ୱାର୍ଡ଼ରେ ୧ ଟି LCV ନିଯୁକ୍ତି ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା ଏବଂ ଏହାର ବ୍ୟୟ M/s Ourland Engineering Works Pvt. Ltd. ଙ୍କ ମାସିକ ବିଲ୍‌ରୁ ଆଦାୟ କରିବାକୁ ଉଲ୍ଲେଖ ରହିଥିଲା, କିନ୍ତୁ ପରବର୍ତ୍ତୀ କ୍ଷେତ୍ରସ୍ତରୀୟ ମୂଲ୍ୟାଙ୍କନରେ ସଂଚିତ ବଳ୍କ ଆବର୍ଜନା ହଟାଇବା ପାଇଁ ଅଧିକ କ୍ଷମତାସମ୍ପନ୍ନ ଭାରୀ ଯାନବାହନ ଓ ଯନ୍ତ୍ରପାତି ନିଯୁକ୍ତି ଆବଶ୍ୟକ ବୋଲି ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ପତ୍ରସଂଖ୍ୟା-୧୧୦୭୬ ତା ୨୩.୦୨.୨୦୨୬ ରିଖ ମାଧ୍ୟମରେ ଏମ୍ପାନେଲ୍ ଏଜେନ୍ସି M/s Sheranwali Infrastructure Pvt. Ltd. ଠାରୁ ତା ୨୪.୦୨.୨୦୨୬ ରିଖରୁ ତା ୦୨.୦୩.୨୦୨୬ ରିଖ ପର୍ଯ୍ୟନ୍ତ କିମ୍ବା କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ନିମ୍ନଲିଖିତ ଯାନବାହନ ଓ ଯନ୍ତ୍ରପାତି ଯୋଗାଣ ପାଇଁ ଅନୁରୋଧ କରାଯାଇଥିଲା ।

| କ୍ର.ନଂ | ଯାନବାହନର ପ୍ରକାର | ସଂଖ୍ୟା | ଅନୁମୋଦିତ ଭାଡ଼ା ଶୁଳ୍କ (ଟଙ୍କାରେ)-ପ୍ରତି ଘଂଟା (ଇନ୍ଧନ ବହିର୍ଭୂତ) |
|---|---|---|---|
| ୧ | JCB (6 in 1 ବକେଟ୍) | ୩ ଟି | ୯୫୦ |
| ୨ | Hyva (ହାଇଭା) | ୮ ଟି | ୬୦୦ |
| ୩ | Tipper (ଟିପର୍) | ୩ ଟି | ୫୦୦ |

ଉକ୍ତ ଯାନବାହନ ଗୁଡ଼ିକ ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ବ୍ୟବହୃତ ହେବ ଏବଂ ଇନ୍ଧନ ବି.ଏମ୍.ସି ଦ୍ୱାରା ଯୋଗାଇ ଦିଆଯିବ । ସମ୍ବନ୍ଧିତ ଅଧିକାରୀଙ୍କ ସତ୍ୟାପିତ ଲଗ୍‌ବୁକ୍ ଆଧାରରେ ମାତ୍ର ଭଡ଼ା ପରିଶୋଧନ କରାଯିବ ଏବଂ ଏହି ସମସ୍ତ ବ୍ୟୟ M/s Ourland Engineering Works Pvt. Ltd. ଙ୍କ ମାସିକ ବିଲ୍‌ରୁ ଚୁକ୍ତିବଦ୍ଧ ବ୍ୟବସ୍ଥାନୁସାରେ ଆଦାୟ କରାଯିବ । ଜନହିତ ଓ ସ୍ୱଚ୍ଛତା ପରିସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି କିଛି ଯାନବାହନ ପୂର୍ବରୁ ମଧ କାର୍ଯ୍ୟରେ ନିଯୁକ୍ତ କରାଯାଇଛି ଏବଂ ଏହାର Post Facto Approval ପ୍ରଦାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩୭).ଭୁବନେଶ୍ୱର ମହାନଗର ନିଗମର ମହାଯାତ୍ରା ଯାନ, କାର୍କାସ୍ ଯାନ, କୁକୁର ଧରିବା ଯାନ, ଗାଈ ଧରିବା ଯାନ ସହିତ ଅନ୍ୟାନ୍ୟ ନିଗମର ନିଜସ୍ୱ ଯାନ ଗୁଡ଼ିକ ସହରର ସ୍ୱଚ୍ଛତା ପରିଚାଳନା ଓ ସାଧାରଣ ଲୋକଙ୍କ ହିତରେ ବିଭିନ୍ନ ଅପାତକାଳୀନ ସେବା କାର୍ଯ୍ୟରେ ନିରନ୍ତର ଭାବେ ନିୟୋଜିତ ଅଟନ୍ତି। ଏହି ଯାନ ଗୁଡ଼ିକ ସହର ପରିଚାଳନାର ଅତ୍ୟନ୍ତ ଆବଶ୍ୟକ ଓ ସମ୍ବେଦନଶୀଳ (Sensitive) ସେବାଗୁଡ଼ିକ ଚାଳନାରେ ମୁଖ୍ୟ ଭୂମିକା ପାଳନ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ, ଉକ୍ତ ଯାନ ଗୁଡ଼ିକର ସମୟୋପଯୋଗୀ ମରାମତି ଓ ଆବଶ୍ୟକ spare parts ପରିବର୍ତ୍ତନ କରାଯିବା, ସେଗୁଡ଼ିକର ସଂଚାଳନ କ୍ଷମତା ଅବିକଳ ରଖିବା ପାଇଁ ଅତ୍ୟାବଶ୍ୟକ, କିନ୍ତୁ ବିଭିନ୍ନ ଯାନ୍ତ୍ରିକ ତ୍ରୁଟି ଓ ସାଧାରଣ ପ୍ରୟୋଗ ଫଳରେ କେତେକ ସମୟରେ କିଛି ଯାନ ଅଚଳ ହୋଇ ପଡୁଛି, ଯାହା ଦୈନିକ ଅପାତକାଳୀନ ସେବା ଓ ସ୍ୱଚ୍ଛତା କାର୍ଯ୍ୟକଳାପର ସମ୍ୟକ୍ ନିଷ୍ପାଦନକୁ ବାଧାପ୍ରାପ୍ତ କରୁଛି ଏବଂ ଲୋକସେବାର ଗୁଣବତ୍ତାରେ ପ୍ରଭାବ ପକାଉଛି।

ଏହି ପରିସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଏମସି ନିଜସ୍ୱ ଉକ୍ତ ଯାନ ଗୁଡ଼ିକର ତ୍ରୁଟି ସମାଧାନ, ଆବଶ୍ୟକ ମରାମତି ଓ spare parts ପରିବର୍ତ୍ତନ କାର୍ଯ୍ୟକୁ ସତ୍ୱର ଓ କାର୍ଯ୍ୟକ୍ଷମ ଭାବେ ସମ୍ପାଦନ କରିବା ଅନିବାର୍ଯ୍ୟ ହେଉଥିବାରୁ ଏହା ପାଇଁ ଭୁବନେଶ୍ୱର ମହାନଗର ନିଗମ ସହିତ ଏମ୍ପାନେଲ୍ ଗ୍ୟାରେଜ ମାଧ୍ୟମରେ ସର୍ଟ କଲ୍ କୋଟେସନ୍ ନୋଟିସ୍ (Short Call Quotation Notice) ଆଧାରରେ କାର୍ଯ୍ୟ ଆବଣ୍ଟନ କରାଯିବା ଏକ ବ୍ୟବହାରିକ ଓ ଶୀଘ୍ର ପଦକ୍ଷେପ ହେବ।

ଉପରୋକ୍ତ ପରିପ୍ରେକ୍ଷୀରେ, ସର୍ବସାଧାରଣଙ୍କ ହିତ, ଅପାତକାଳୀନ ସେବାର ଅବିଚ୍ଛିନ୍ନ ଚାଳନା ଓ ସହରର ସ୍ୱଚ୍ଛତା ବ୍ୟବସ୍ଥାକୁ ସୁଚାରୁ ରଖିବା ନିମନ୍ତେ, ଉକ୍ତ ଯାନଗୁଡ଼ିକର ମରାମତି କାର୍ଯ୍ୟକୁ ଏମ୍ପାନେଲ୍ ଗ୍ୟାରେଜ ମାଧ୍ୟମରେ ସର୍ଟ କଲ୍ କୋଟେସନ୍ ଆଧାରରେ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩୮). ସାମନ୍ତରାପୁର ଚେକ୍ ଗେଟ ଏବଂ କେଦାର ଗୌରୀ ମନ୍ଦିର ନିକଟରେ ଶୌଚାଳୟ ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩୯). ଭୁବନେଶ୍ୱର ମହାନଗର ନିଗମର ପରିବେଶ ବିଭାଗରେ ନିଯୋଜିତ ଥିବା ୧ ଜଣ DEO ଏବଂ ୬ ଜଣ Horticulture Supervisor ଙ୍କ କାର୍ଯ୍ୟକାଳ ୩୧.୦୩.୨୦୨୬ ରେ ସରିବାକୁ ଯାଉଛି । ଏଣୁ କାର୍ଯ୍ୟରେ ବାଧା ନହେବା ପାଇଁ ୯ ଜଣ Horticulture Supervisor ଏବଂ ୧ ଜଣ ଉଦ୍ୟାନବିଦ (Horticulturist) Gem ମାଧମରେ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪୦). ଭୁବନେଶ୍ୱର ସହରର ଭୁଆସୁଣି ରେ ଥିବା biomining site ରେ OFDC ମାଧମରେ ବୃକ୍ଷରୋପଣ ଏବଂ ସୌନ୍ଦର୍ଯ୍ୟକରଣ କରିବା ପାଇଁ ସ୍ଥିର କରାଯାଇଛି । OFDC କୁ work order ଦେବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪୧). ଭୁବନେଶ୍ୱର ମହାନଗର ନିଗମର ପରିବେଶ ବଭାଗରେ ୧ ଟି ଟିପ୍ପର ମେସିନ ନିଯୋଜିତ ଅଛି ଯାହାକି କଟାଯାଉଥିବା ସମସ୍ତ ଗଛ ଗୁଡିକର କଟାଯାଉଥିବା ଡାଳକୁ ଗୁଣ୍ଡ କରିବା ପାଇଁ ଯଥେଷ୍ଟ ହେଉ ନାହିଁ । ଏଣୁ ଆଉ ଏକ ଟିପ୍ପର ମେସିନ ପରିବେଶ ବଭାଗକୁ ଯୋଗାଇ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪୨). ଭୁବନେଶ୍ୱର ମହାନଗର ନିଗମର ନିଗମ ଅଧିନରେ ସଚିବାଳୟ ମାର୍ଗ ଦେଇ ଯାଇଥିବା ଏ.ଜି. ଛକ ଠାରୁ ଆଚାର୍ଯ୍ୟ ବିହାର ପର୍ଯ୍ୟନ୍ତ ଥିବା ଲ୍ୟାଣ୍ଡସ୍କେପିଙ୍ଗ ଏରିୟା ର ରକ୍ଷଣାବେକ୍ଷଣ ଦାୟିତ୍ୱ OFDC କୁ ଦେବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪୩). ଭୁବନେଶ୍ୱର ମହାନଗର ନିଗମର ଅଧିନରେ ଥିବା ବିଭିନ୍ନ placemaking site, beautification site, underpass flyover junctuion etc. ଯାହାକି କୌଣସି Govt. କିମ୍ବା private agency ମାନଙ୍କୁ handover ହୋଇନାହିଁ, ସେଠାରେଥିବା ଗଛ ଗୁଡ଼ିକୁ ବଚାଇରଥିବା ପାଇଁ ପାଣିଦେବା ଅତ୍ୟନ୍ତ ଆବଶ୍ୟକ ଅଟେ । ଏଣୁ ଅତିକମ୍ବରେ ୬ ଟି ଓ୍ୱାଟର ଟ୍ୟାଙ୍କରେ GeM ମାଧମରେ hire କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪୪). ବି.ଡି.ଏ ମୁଖ୍ୟ ଉଦ୍ୟାନବିତଙ୍କ ଦ୍ୱାରା ୨ଟି ମେଡିଆନ ଏବଂ ୫ଟି ଲ୍ୟାଣ୍ଡସ୍କେପିଙ୍ଗ ଯାହାକି ବି.ଡି.ଏ ଅଧୀନରେ ରକ୍ଷଣାବେକ୍ଷଣ କରାଯାଉଥିଲା, ବର୍ତମାନ ଏପ୍ରିଲ ମାସରୁ ଏହି ୨ଟି ମେଡିଆନ ଏବଂ ୫ଟି ଲ୍ୟାଣ୍ଡସ୍କେପିଙ୍ଗ ମାନଙ୍କର ରକ୍ଷଣାବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି ଏହ ମେଡିଆନ ଏବଂ ଲ୍ୟାଣ୍ଡସ୍କେପିଙ୍ଗ ଗୁଡିକର ରକ୍ଷଣାବେକ୍ଷଣ ପାଇଁ CSR Funding ମାଧମରେ ବିଭିନ୍ନ ଏଜେନ୍ସି ଯଥା ବିଲ୍ଡର, ଡେଭଲପର, ବଡ ଗହଣା ଦୋକାନୀ, ବଡ ହୋଟେଲ ମାନଙ୍କୁ ଦେବା ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଭୁବନେଶ୍ୱର କର୍ତ୍ତୃପକ୍ଷଙ୍କୁ ଦେବା ପାଇଁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪୫). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ରାସ୍ତାର ମଧମ ଭାଗ ୪୫.୧୧ କି.ମି. BVG India Limited ଦ୍ୱାରା ରକ୍ଷଣାବେକ୍ଷଣ କରାଯାଉଅଛି । ଏଥିମଧରୁ ଆଚାର୍ଯ୍ୟ ବିହାର ଛକ ଠାରୁ ଦୂରଦର୍ଶନକେନ୍ଦ୍ର (ମେଡିଆନ) ପର୍ଯ୍ୟନ୍ତ ଥିବା ରାସ୍ତାର ମଧମଭାଗ (ପ୍ରାୟ ୧ କି.ମି.) CSR Funding ମାଧମରେ ରକ୍ଷଣାବେକ୍ଷଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪୬). ଭୁବନେଶ୍ୱର ମହାନଗର ନିଗମର ପୌର ଚିକିତ୍ସାଳୟରେ ହୋଇଥିବା ଡ଼ାକ୍ତରମାନଙ୍କର କାର୍ଯ୍ୟକାଳ ପାର୍ଶ୍ୱବର୍ଣ୍ଣିତ ସରିଯାଉଥିବାରୁ ସେମାନଙ୍କର କାର୍ଯ୍ୟକାଳ ଆଉଏକ ବର୍ଷ ବୃଦ୍ଧି କରିବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

| Sl. No. | Name | Designation | Contract valid upto | To be extented |
|---|---|---|---|---|
| 1 | Dr. Bidhu Bhusan Mohanty | Anesthesist (4 days a week) | 19.05.2026 | 18.05.2027 |
| 2 | Dr. Simran Dash | Medical Officer (Full Time) | 02.06.2026 | 01.06.2027 |
| 3 | Dr. Sumeet Prakash Sahoo | Medical Officer (Full Time) | 02.06.2026 | 01.06.2027 |
| 4 | Dr. Shivesh Ku. Pandey | Medical Officer (Full Time) | 02.06.2026 | 01.06.2027 |
| 5 | Dr. Kalyan Ku. Sarkar | Blood Bank Officer (Full Time) | 03.06.2026 | 01.06.2027 |

ନିର୍ଦ୍ଧାରଣ-୩(୪୭). ବେସିକ୍ସ ଏନ.ଜି.ଓ. ସଠିକ୍ ଭାବେ କାର୍ଯ୍ୟ ସଂପାଦନ କରୁନଥିବାରୁ ତାଙ୍କ ବିରୁଦ୍ଧରେ ବହୁ ଅଭିଯୋଗ ଆସୁଅଛି, ତେଣୁ ତାଙ୍କର ଚୁକ୍ତିପତ୍ର ରଦ୍ଦ କରିବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪୮). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ବୈଦ୍ୟୁତିକ କାର୍ଯ୍ୟ ପାଇଁ ନିର୍ବାହୀ ଯନ୍ତ୍ରୀ (ବିଦ୍ୟୁତ) ଉପସ୍ଥାପିତ କରିଥିବା ସଲଗ୍ନ 'କ' ମତେ ପାଚଂଗୋଟି କାର୍ଯ୍ୟ ଅନୁମୋଦନ କରିବା ପାଇଁ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪୯). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କ ଠାରୁ ମିଳିଥିବା ଅର୍ଥରେ ନିର୍ବାହୀ ଯନ୍ତ୍ରୀ (ନାଳ) ସଲଗ୍ନ 'ଖ' ରେ ଉଲ୍ଲିଖିତ ୩୦ (ତିରିଶ) ଗୋଟି କାର୍ଯ୍ୟ ଅନୁମୋଦନ କରିବା ପାଇଁ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ.୨.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶିବଗଂତି ନାରାୟଣ ମହାସୁପକାର
ସଭାପତି
ତା ୧୦.୦୪.୨୦୨୬ ରିଖ